RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୮୪ Issue- 84
ଭୁବନେଶ୍ୱର, ଶୁକ୍ରବାର ୦୭ ଜୁନ୍ ୨୦୧୯
Bhubaneswar, Friday 07 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଏଫ୍ଆଇଏଚ୍ ସିରିଜ୍ ଫାଇନାଲ୍ସର ଭାରତ ଓ ରଷିଆ ମ୍ୟାଚ୍ ଅବସରରେ ଭାରତର ଅଧିନାୟକ ମନ୍‌ପ୍ରୀତି ସିଂହଙ୍କ ସହ ମନ୍ଥନର ପ୍ରତିନିଧି ସତ୍ୟବାଦୀ ନାୟକ

# ବିଜେଡି ବିଧାୟକଙ୍କ ଦବଙ୍ଗଗିରି

## ରାସ୍ତା ଉପରେ ସରକାରୀ ଅଧିକାରୀଙ୍କୁ କରାଇଲେ ଉଠବସ୍, ଭିଡିଓ ଭାଇରାଲ



ଭୁବନେଶ୍ୱର, ୬।୬ (ନି.ପ୍ର.): ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବ ସାଧାରଣରେ ରୋଡ୍ ଉପରେ ଉଠବସ୍ କରାଇ ଚର୍ଚ୍ଚାରେ ପାଟଣାଗଡର ନବନିର୍ବାଚିତ ବିଧାୟକ ସରୋଜ ମେହେର। ପୂର୍ତ୍ତ ବିଭାଗର ଉକ୍ତ ଅଧିକାରୀଙ୍କୁ ବିଧାୟକ ଉଠବସ୍ କରାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ନିମ୍ନମାନର ରାସ୍ତା କାମ ହୋଇଥିବାରୁ ବିଧାୟକ ସଂପୃକ୍ତ ଅଧିକାରୀଙ୍କୁ ଦାୟୀ କରି ଶହେ ଥର ବସଉଠ ହେବାକୁ କହୁଥିବା ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳିଛି। ସଂପୃକ୍ତ ଅଧିକାରୀ ହେଲେ କଂଟାବାଞ୍ଜି ପିଡବ୍ଲୁଡି କନିଷ୍ଠ ଯନ୍ତ୍ରୀ ଯଶବନ୍ତ ଶବର। ଘଟଣା ପାଇଁ ବିଧାୟକ ଦୁଃଖ ପ୍ରକାଶ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ପତ୍ନୀ ବିଧାୟକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷରେ କନିଷ୍ଠ ଯନ୍ତ୍ରୀଙ୍କୁ ଉଠବସ କରାଯିବା ଘଟଣାରେ ପାଟଣାଗଡ଼ର ବିଜେଡ଼ି ବିଧାୟକ ସରୋଜ ମେହେର ଦୁଃଖ ପ୍ରକାଶ କରିବା ସହ କହିଛନ୍ତି ଯେ ପରିସ୍ଥିତକୁ ଦେଖି ସେ ଏପରି କରିବାକୁ ବାଧ ହୋଇଥିଲେ । ନିମ୍ନମାନର ରାସ୍ତାକାମରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମାରିବା ପାଇଁ ଆସିଥିଲେ। ସେହି ସମୟରେ ପରିସ୍ଥିତିକୁ ଶାନ୍ତ କରାଇବା ପାଇଁ ସେ କନିଷ୍ଠ ଯନ୍ତ୍ରୀଙ୍କୁ ଉଠବସ ହେବାକୁ କହିଥିଲେ। ଏପରିକି କାର୍ଯ୍ୟାନୁଷ୍ଠାନ ଦାବି ନେଇ ତାଙ୍କ ଉପରେ ମଧ ଆକ୍ରମଣର ଆଶଙ୍କା ଥିଲା ବୋଲି ସରୋଜ କହିଛନ୍ତିୟ ସେ ଉକ୍ତ ଘଟଣା ପାଇଁ ଦୁଃଖିତ ବୋଲି କହିଛନ୍ତି। ଘଟଣା ସାମ୍ନାକୁ ଆସିବା ପରେ ଏନେଇ ନିର୍ଯାତିତ କନିଷ୍ଠ ଯନ୍ତ୍ରୀଙ୍କ ପତ୍ନୀ ବିଧାୟକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ସହ ବିଧାୟକଙ୍କୁ ଗିରଫ କରିବା ପାଇଁ ଦାବୀ କରିଛନ୍ତି । ଜେଇଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ଗତକାଲି ଠାରୁ ତାଙ୍କ ସ୍ୱାମୀ ଘରେ ନାହାଁନ୍ତି । ତାଙ୍କ ପତିଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଆଜି ସେ ଟିଭିରୁ ଜାଣିଛନ୍ତି । ତାଙ୍କୁ ଗତକାଲି ଠାରୁ ଅପହରଣ କରି ବିଧାୟକ କିଛି ଅଘଟଣ କରି ପାରି ଥାନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଏତଲା ଦେବା ସହ ସରୋଜ ମେହେରଙ୍କୁ ଗିରଫ କରିବା ପାଇଁ ଦାବୀ କରିଛନ୍ତି।

## ଭୁବନେଶ୍ୱରରେ ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ
## ୧୦-୦ ଗୋଲ୍‌ରେ ଭାରତ ବିଜୟୀ



ଭୁବନେଶ୍ୱର, ୬।୬ (ନି.ପ୍ର.): କଳିଙ୍ଗ ଷ୍ଟାଡିୟମ୍‌କୁ ପୁଣି ଫେରିଛି ହକି। ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍‌ର ଅଭୁତପୂର୍ବ ସଫଳତା ପରେ ଆଜିଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି ଏଫଆଇଏଚ୍ (ଫେଡେରେସନ୍ ଅଫ୍ ଇଣ୍ଟରନ୍ୟାସନାଲ ହକି) ସିରିଜ ଫାଇନାଲ୍ସ। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲଇବ। ଆଜି ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଋଷକୁ ଭେଟିଛି।

ଆଜି ସଂଧ୍ୟା ୭ଟାରେ ଭାରତ ଓ ଋଷିଆ ମଧ୍ୟରେ ମୁକାବିଲା ହୋଇଥିଲା। ତେବେ ଏହି ମ୍ୟାଚ୍ ଏକତରଫା ଭାବେ ଶେଷ ହୋଇଛି। ଭାରତ ପକ୍ଷରୁ ଗୋଲ୍ ବର୍ଷା ଯୋଗୁଁ ଋଷିଆ ଶୋଚନୀୟ ଭାବେ ପରାସ୍ତ ସ୍ୱୀକାର କରିଛି। ଭାରତ ଋଷିଆକୁ ୧୦ଟି ଗୋଲ ଦେଇଥିବା ବେଳେ ଏହାର ଜବାବରେ ଋଷିଆ ଗୋଟିଏ ବି ଗୋଲ୍ ଦେବାରେ ସକ୍ଷମ ହୋଇପାରି ନାହିଁ। ହରମନ୍ ପ୍ରୀତି ସିଂହ ଓ ଆକାଶ ଦୀପ୍ ସିଂହ ୨ଟି ଲେଖାଏଁ ଗୋଲ ଦେଇଥିବା ବେଳେ ଓଡ଼ିଶାର ଅମିତ ରୋହି ଦାସ ଗୋଟିଏ ଗୋଲ୍ ଦେଇଛନ୍ତି।

ଆଜି ସକାଳେ ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଆମେରିକା ହରାଇଥିବା ବେଳେ ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପୋଲାଣ୍ଡ ଉଜ୍‌ବେକିସ୍ତାନକୁ ହରାଇ ବିଜୟ ହୋଇଛି।

## ନନ୍ଦନକାନନରୁ ସାତକୋଶିଆ ଯିବେ ୩୦ ଘଡ଼ିଆଳ

ଭୁବନେଶ୍ୱର : ପ୍ରତିକୂଳ ପରିବେଶ ପାଇଁ ଅନୁଗୁଳ ଜିଲ୍ଲା ଟିକରପଡ଼ାରେ ଥିବା ସାତକୋଶିଆ ଗଣ୍ଡରେ ଘଡ଼ିଆଳ କୁମ୍ଭୀରଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ ସାତକୋଶିଆରେ ଘଡ଼ିଆଳ କୁମ୍ଭୀରଙ୍କ ବଂଶବୃଦ୍ଧି କରିବା ପାଇଁ ବନ୍ୟପ୍ରାଣୀ ବିଭାଗ ଓ ନନ୍ଦନକାନନ ଚିଡ଼ିଆଖାନା ପକ୍ଷରୁ ଏକ ବ୍ଲୁପ୍ରିଂଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ନନ୍ଦନକାନନରୁ ୩୦ଟି ଘଡ଼ିଆଳ କୁମ୍ଭୀରଙ୍କୁ ନନ୍ଦନକାନନରୁ ସାତକୋଶିଆକୁ ସ୍ଥାନାନ୍ତର କରିଯିବା ନେଇ ନିଷ୍ପତି ନିଆଯାଇଛି। ଏନେଇ ନନ୍ଦନକାନନ ଚିଡ଼ିଆଖାନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଗତ କିଛିବର୍ଷ ତଳେ ଘଡ଼ିଆଳ ବଂଶବୃଦ୍ଧି ନିମନ୍ତେ ନନ୍ଦନକାନନରୁ କେତେକ କୁମ୍ଭୀରକୁ ସାତକୋଶିଆରେ ଛଡ଼ାଯାଇଥିଲା। କିନ୍ତୁ ପ୍ରତିକୂଳ ପରିବେଶ ଯୋଗୁଁ କୁମ୍ଭୀର ବଂଶବିସ୍ତାର ଯୋଜନା ସେଠାରେ ବିଫଳ ହୋଇଥିଲା। ନନ୍ଦନକାନନ ଘଡ଼ିଆଳ କୁମ୍ଭୀର ପ୍ରଜନନରେ ଯେତିକି ମାତ୍ରାରେ ଘଡ଼ିଆଳ ରହିବା କଥା ତା'ର ସଂଖ୍ୟା ଅତ୍ୟାଧିକ ବୃଦ୍ଧି ହୋଇଛି। ବର୍ତ୍ତମାନ ଓଡ଼ିଶାର ଅନୁଗୁଳ ଜିଲ୍ଲାର ଟିକରପଡ଼ା ଓ ଭିତରକନିକାର ଡାଙ୍ଗମାଳ ଅଂଚଳ ଘଡ଼ିଆଳ ଓ ଲୁଣିପାଣି କୁମ୍ଭୀରଙ୍କ ବଂଶବୃଦ୍ଧି କରିବାର କେନ୍ଦ୍ରସ୍ଥଳ ପାଲଟିଛି।

## ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ତାରାଙ୍କ ତାତ୍ସଲ୍ୟ



ଭୁବନେଶ୍ୱର, ୬।୬ (ନି.ପ୍ର.): ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ କାମ କରିବା ଶୈଳୀକୁ ନେଇ କଡା ଟିପ୍ପଣୀ କରିଛନ୍ତି କଂଗ୍ରେସ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ସେ ମନ୍ତ୍ରିମଣ୍ଡଳକୁ ତୀବ୍ର ତାତ୍ସଲ୍ୟ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟର ମନ୍ତ୍ରମାନଙ୍କ କିଛି କରିବାର ନାହିଁ, ସେମାନେ କେବଳ ଦସ୍ତଖତ କରିବେ। ଯେଁମାନେ ବିଭାଗ ସମ୍ଭାଳିଛନ୍ତି, ସେମାନଙ୍କର ସେହି କ୍ଷେତ୍ରରେ ଅଭିଜ୍ଞତା ମଧ ନାହିଁ। ୨/୩ ଜଣଙ୍କୁ ଛାଡି ଦେଲେ ଅନ୍ୟ ମନ୍ତ୍ରୀ କେବଳ ଫାଇଲ୍‌ରେ ଦସ୍ତଖତ କରିବେ। ସଚିବମାନେ ଯାହା କହିବେ, ସେମାନେ ତାହା ହିଁ କରିବେ। ସଚିବ ଦସ୍ତଖତ କରିବାକୁ କହିଲେ ସେମାନେ ଦସ୍ତଖତ କରିବେ। ସେ ଆକ୍ଷେପ କରି କହିଛନ୍ତି ଯେ, ରବର ଷ୍ଟାମ୍ପଠୁ ବି କମ୍ । ଷ୍ଟାମ୍ପରେ ତ କଳା ଲାଗୁଛି ଏଠି ତା ବି ନୁହେଁ। ଯେତେ ମନ୍ତ୍ରୀସବୁ ସଚିବଙ୍କ କର୍ତ୍ତୃତ୍ୱରେ ରହିବେ। ଏହା ଏକ ବ୍ୟୁରୋକ୍ରାସି ସରକାର। ମନ୍ତ୍ରୀମାନଙ୍କ ନିଜସ୍ୱ ଜ୍ଞାନ ନାହିଁ ଯଦ୍ୱାରା ସେମାନେ ଯୋଜନାକୁ ସଫଳ ରୂପାୟନ କରିପାରିବେ। ଫଳରେ ସଚିବମାନେ ଯେଉଁ ଫାଇଲ୍ ପଠାଇବେ, ମନ୍ତ୍ରୀମାନେ ତାହା ଉପରେ ଦସ୍ତଖତ କରିବାକୁ ବାଧ୍ୟ।

## ଶାହାଙ୍କୁ ୮ କମିଟିର ସଦସ୍ୟତା



ନୂଆଦିଲ୍ଲୀ : ଦେଶରେ ନୂଆ ସରକାର ଗଠନ ହୋଇସାରିଛି। ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୮ଟି ପ୍ରମୁଖ କ୍ୟାବିନେଟ୍ କମିଟିର ପୁର୍ନଗଠନ କରାଯାଇଛି। ଆଉ ସବୁଠାରୁ ବଡ଼ କଥା ହେଲେ, ସବୁ କମିଟିରେ ସଦସ୍ୟ ଅଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କମିଟିଗୁଡିକ ମଧ୍ୟରେ ପ୍ରମୁଖ ହେଉଛି ନିଯୁକ୍ତି ସମ୍ପର୍କିତ କମିଟି, ସୁରକ୍ଷା ଓ ଅର୍ଥନୀତି ସମ୍ପର୍କୀୟ କମିଟି। ଗତକାଲି ପ୍ରଧାନମନ୍ତ୍ରୀ ଅଭିବୃଦ୍ଧି ଓ ନିଯୁକ୍ତି ପାଇଁ ପୃଥକ କ୍ୟାବିନେଟ କମିଟି ଗଠନ କରିଥିଲେ ଆଉ ଏହି ଦୁଇ କମିଟିରେ ସଦସ୍ୟ ଅଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ପ୍ରଥମ ଥର ପାଇଁ ଏଭଳି ଦୁଇଟି କମିଟି ଗଠନ କରିଛନ୍ତି ନରେନ୍ଦ୍ର ମୋଦି। ଦେଶର ଅଭିବୃଦ୍ଧି ଓ ନିଯୁକ୍ତି ବଢ଼ାଇବା ଦିଗରେ ଏହି କମିଟି ରୋଡମ୍ୟାପ ପ୍ରସ୍ତୁତ କରିବ। ସେହିଭଳି ବୁଧବାରଦିନ ସୁରକ୍ଷା ସମ୍ପର୍କିତ କମିଟି ବି ଗଠନ କରାଯାଇଛି। ଏଥିରେ ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଦସ୍ୟ ଅଛନ୍ତି। ଜାତୀୟ ସୁରକ୍ଷା ଓ ବୈଦେଶିକ ବ୍ୟାପାର ସମ୍ପର୍କିତ ପ୍ରସଙ୍ଗଗୁଡିକୁ ଏହି କମିଟି ଦେଖିବ। ସେହିଭଳି ଆର୍ଥିକ ବ୍ୟାପର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟିରେ ବି ସାମିଲ ଅଛନ୍ତି ଗୃହମନ୍ତ୍ରୀ। ଏଭଳି ଭାବେ ସେ ୮ ଟି ପ୍ରମୁଖ କମିଟିରେ ସଦସ୍ୟ ଅଛନ୍ତି। ଏହା ସୂଚାଉଛି ଯେ, ଦଳ ସହିତ ସରକାରରେ ବି ଅମିତ ଶାହଙ୍କ ପ୍ରଭାବ ରହିଛି। ଆଉ ମୋଦିଙ୍କ ପରେ ସରକାରରେ ସେ ହିଁ ନମ୍ବର-୨ ବୋଲି ପ୍ରମାଣିତ ହୋଇଛି।

## କଂଗ୍ରେସର ପରାଜୟ ସଂପର୍କରେ ମୁହଁ ଖୋଲିଲେ ପାଇଲଟ



ଜୟପୁର, ୬।୬: ଲୋକସଭା ନିର୍ବାଚନରେ ରାଜସ୍ଥାନରେ କଂଗ୍ରେସର ପରାଜୟକୁ ନେଇ ଏବେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ଏବେ ଦଳୀୟ ବିଧାୟକମାନେ ଯୁଦ୍ଧ ଘୋଷଣା କରିଥିବା ବେଳେ ଅଶୋକ ଗେହଲଟ ଏଥିଲାଗି ଉପମୁଖ୍ୟମନ୍ତ୍ରୀ ତଥା ପିସିସି ସଭାପତି ସଚିନ ପାଇଲଟଙ୍କୁ ଦାୟୀ କରିଛନ୍ତି। ଏ ସଂପର୍କରେ ଅବଶେଷରେ ସଚିନ ପାଇଲଟ ମୁହଁ ଖୋଲିଛନ୍ତି ସଚିନ ପାଇଲଟ। ସେ କହିଛନ୍ତି ଯେ ଦଳରେ କୌଣସି ପ୍ରକାରର ମତଭେଦ ନଥିଲା କି ନାହିଁ, ତେବେ ଲୋକସଭା ନିର୍ବାଚନରେ କଣ ଭୁଲ ରହିଲା ସେନେଇ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବାପରେ ଦଳ ବୁଥ ସ୍ତରରେ ପରାଜୟର ସମୀକ୍ଷା କରିବ, କାରଣ ରାଜ୍ୟରେ ପ୍ରାୟ ୫୦ ହଜାର ବୁଥ ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପରାଜୟ ପାଇଁ ନିଜକୁ ଦାୟୀ କରିଛନ୍ତି। କିନ୍ତୁ ଏହା ଠିକ୍ ନୁହେଁ। ଆଗାମୀ ଦିନରେ ଦଳ କିଭଳି ମଜଭୁତ ହେବ ତାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସଚିନ ଗତକାଲି ଯୋଧପୁର କଂଗ୍ରେସ କମିଟି କାର୍ଯ୍ୟାଳୟରେ ସାମ୍ବାଦିକଙ୍କୁ କହିଛନ୍ତି ଯେ, ଦେଶର ସର୍ବ ପୁରାତନ ଦଳ ରାଜ୍ୟରେ ମାତ୍ର ୨ ଟି ଲୋକସଭା ଆସନରେ ବିଜୟୀ ହେବା ନିଶ୍ଚିତରୂପେ ଚିନ୍ତାଜନକ।

## ରାଜ୍ୟରେ ଲାଗୁ ହୋଇପାରେ ଆୟୁଷ୍ମାନ ଯୋଜନା
## ଅନୁଧ୍ୟାନ ପାଇଁ ରାଜି ହେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୬।୬ (ନି.ପ୍ର.): ଆୟୁଷ୍ମାନ ଯୋଜନାରେ ସାମିଲ ହେବ କି ଓଡ଼ିଶା ? ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏ ନେଇ କେନ୍ଦ୍ରକୁ ପ୍ରସ୍ତାବ ମାଗାଯାଇଛି। ପ୍ରସ୍ତାବ ଆସିବା ପରେ ଆମେ ଅନୁଧ୍ୟାନ କରିବୁ। ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହୋଇଛି ଏବଂ ଏହା ଭାରତର ସବୁଠୁ ଭଲ ଯୋଜନା। ସେମାନେ ଅନୁରୋଧ କରିବା ପରେ ଆମେ ଅନୁଧ୍ୟାନ କରିବାକୁ ରାଜି ହୋଇଛୁ। ତେବେ ଭଲ ହୋଇଥିଲେ ସ୍ୱାଗତ କରିବୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ।



ସଚିବାଳୟରେ ଦୁଇ ଦିନ ତଳେ ଆୟୁଷ୍ମାନ ଯୋଜନା ପ୍ରଚଳନ ଲାଗି ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଆୟୁଷ୍ମାନ ଭାରତ ସିଇଓଙ୍କ ସହ ଏହି ବୈଠକରେ ଆଲୋଚନା କରିଥିଲେ ରାଜ୍ୟ ସରକାର। ସେତେବେଳେ ସରକାରଙ୍କ ସହ ସକାରାତ୍ମକ ଆଲୋଚନା ହୋଇଥିବା ଯୋଜନା ସିଇଓ ଇନ୍ଦୁ ଭୂଷଣ କହିଥିଲେ। ଓଡ଼ିଶା ସମେତ ୫ ଟି ରାଜ୍ୟ ଯୋଜନାରେ ସାମିଲ ହୋଇନାହାନ୍ତି।

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

ମାଲକାନଗିରି, ୬।୬ (ନି.ପ୍ର.): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ର ସଦର ମହକୁମାଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଏକ ଦେଢ଼ ବର୍ଷର ଶିଶୁ କନ୍ୟା ଜ୍ୟାକଲିନ୍ କୋବ୍ରାଙ୍କ ଗତ ରାତିରେ ମୃତ୍ୟୁ ଘଟିଥିବା ନେଇ ଶିଶୁ କନ୍ୟାର ପରିବାର ଲୋକେ ଓ ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ତଦନ୍ତ ଜାରି ରହିଛି ହସ୍‌ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

### ଡାହୁକ



ନୂଆ ନୁହଁ ସିନା ମାଟ୍ରିକ ପରୀକ୍ଷା
ଖାତା ମୂଲ୍ୟାୟନ ତ୍ରୁଟି
ହେଲେ ଏ ବରଷ ସବୁ ବରଷର
ରେକର୍ଡକୁ ଦେଲା କାଟି
ନୂଆ ରଙ୍ଗ ନୂଆ ଢ଼ଙ୍ଗର ପ୍ରୟାସ
ଯାଇଚି ଫସର ଫାଟି
କହିଲେ କି ହେବ କୋଢ଼ିଆ ଦ୍ୱାରା କି
ଚାଷ ହେବ ବାରବାଟି

-ବିଧୂ

## ଦୁବାଇରେ ଫସିଥିବା ଓଡ଼ିଆ ଯୁବକଙ୍କ ଉଦ୍ଧାର ଲାଗି ବୈଦେଶିକ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି



ଭୁବନେଶ୍ୱର : ଦୁବାଇରେ ଫସି ରହିଥିବା ୧୦ ଜଣ ଓଡ଼ିଆ ଯୁବକଙ୍କ ଉଦ୍ଧାର ଲାଗି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡାକ୍ତର ଶୁଭ୍ରମଣ୍ୟମ ଜୟଶଙ୍କରଙ୍କୁ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖିଛନ୍ତି। ଓଡ଼ିଆ ଯୁବକଙ୍କ ଉଦ୍ଧାର ଲାଗି ବ୍ୟକ୍ତିଗତ ଭାବେ ତ୍ୱରିତ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଡା. ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମେ' ମାସ ୩୦ ତାରିଖରେ ଏକ ଟିଭି ଚ୍ୟାନେଲର ରିପୋର୍ଟ ଅନୁଯାୟୀ ୧୦ ଜଣ ଓଡ଼ିଆ ଯୁବକ ଦୁବାଇର ଏସିଆ ପାସିଫିକ୍ ବିଲଡିଂ କଂଟ୍ରାଂଟି ଏଲଏଲସିରେ କାମ କରୁଥିବା ବେଳେ ସେମାନଙ୍କୁ ସାଜ୍ଜା ଠାରେ ରହିବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ବର୍ତମାନ ସେମାନଙ୍କୁ ଶାରଜାହ ଠାରେ ବନ୍ଦୀ ଭାବରେ ରଖାଯାଇଥିବା ତଦନ୍ତରୁ ଜଣାପଡିଛି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ଯେ ଦୁବାଇରେ ବନ୍ଦୀ ରହିଥିବା ଓଡ଼ିଆ ଯୁବକମାନେ ଏକ ମାସ ପୂର୍ବରୁ ତତ୍କାଳ ସାହାଯ୍ୟ ଓ ଉଦ୍ଧାର ପାଇଁ ଏକ ଭିଡିଓ ଜାରି କରି ଏ ସମ୍ପର୍କରେ ଅବଗତ କରିଥିଲେ। ବନ୍ଦୀ ରହିଥିବା ଯୁବକମାନେ ଓଡ଼ିଶାର ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡିଛି। ବନ୍ଦୀ ରହିଥିବା ଯୁବକଙ୍କ ମଧ୍ୟରୁ ଶ୍ରୀ ପ୍ରତାପ ମହାରଣାଙ୍କ ଟେଲିଫୋନ ନମ୍ବର, ପାସପୋର୍ଟ କପି ଏବଂ ଉକ୍ତ କମ୍ପାନୀର ଆବଶ୍ୟକ ପ୍ରମାଣ ଥିବାବେଳେ ଏ ସମ୍ବନ୍ଧୀୟ ସୂଚନା ପାଇ ନୟାଗଡ ଜିଲ୍ଲା ଶ୍ରମିକ ଅଧିକାରୀ ବନ୍ଦୀ ରହିଥିବା କିଛି ଲୋକଙ୍କ ଘରକୁ ଯାଇଥିଲେ। ମାତ୍ର ଏହା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ରେପୋ ରେଟ୍‌ରେ ହ୍ରାସ



ନୂଆଦିଲ୍ଲୀ, ୬।୬: ଗୁରୁବାର ଦିନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱାଧୀନ ଛଅ ଜଣିଆ ସଦସ୍ୟବିଶିଷ୍ଟ 'ମନିଟାରି ପଲିସ କମିଟି' (ଏମ୍‌ପିସି) ତା'ର ୨୦୧୯-୨୦ର ଦ୍ୱିମାସିକ ଆର୍ଥିକ ନୀତିରେ ରପୋ ରେଟ୍ ୨୫ ବେସିସ୍ ପଏଂଟ ହ୍ରାସ କରିଛି। ୬% ଥିବା ରେପୋ ରେଟ୍ କମି ଯାଇ ୫.୭୫% ହେବା ଦ୍ୱାରା ଆର୍ଥିକ ଅଭିବୃଦ୍ଧିରେ ଦେଖା ଦେଇଥିବା ମନ୍ଥରତା ଉନ୍ନତି ଏବଂ ଗ୍ରାହକମାନଙ୍କର ବ୍ୟୟ ବୃଦ୍ଧି ହେବ ବୋଲି କମିଟି ଆଶା କରିଛି। ଏହି ପଦକ୍ଷେପ ଦ୍ୱାରା ବ୍ୟାଙ୍କ ସବୁ କମ୍ ସୁଧରେ ଋଣ ଦେବା ଦ୍ୱାରା ଗୃହ ଋଣ, କାର ଋଣ ଏବଂ କର୍ପୋରେଟ୍ ଉଧାରକାରୀମାନଙ୍କ ଲାଗି ଇଏମଆଇ କମ୍ ପଡିବ। ରିଜର୍ଭ ବ୍ୟାଙ୍କ ଏମ୍‌ସିପିର ତିନି ଦିନିଆ ବୈଠକ ସୋମବାର ଦିନ ଆରମ୍ଭ ହୋଇଥିଲା। କମିଟିର ୬ ଜଣଯାକ ସଦସ୍ୟ ରେପୋ ରେଟ୍ ହ୍ରାସ ସପକ୍ଷରେ ମତ ଦେଇଥିଲେ। ରେପୋ ରେଟ୍ ଆଧାରରେ ଶୀର୍ଷ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ସ୍ୱଳ୍ପ- ମିଆଦି ଋଣ ଦେଇଥାଏ।




# ବର୍ଷାଦିନିଆ ରୋଗ ପ୍ରତିହତ ଲାଗି ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମ

ଭୁବନେଶ୍ୱର,୬।୬(ନି.ପ୍ର): ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଓ ଜଣ୍ଡିସ୍ ଭଳି ଭେକ୍ଟର ଓ ଜଳ ବାହିତ ରୋଗ ଯେଭଳି ନବ୍ୟାପିବ ସେଥି ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିତ ଉଦ୍ୟମ ଆରମ୍ଭ ହୋଇଛି । ରୋଗର କାରଣ ଓ ନିରାକରଣ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ଇସ୍ପାତ ଓ ଖଣି ବିଭାଗ ସହ ମିଳିତ ଭାବେ ପଦକ୍ଷେପ ନିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଜିଲ୍ଲାପାଳମାନଙ୍କୁ ମିଳିତ ଭାବେ ଲେଖିଥିବା ପତ୍ରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କୁ ମଧ୍ୟ ଏହି ରୋଗ ସଂକ୍ରାନ୍ତରେ ସଚେତନ କରିବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବେ ବିଦ୍ୟାଳୟ ଗୁଡିକ ଯେଭଳି କାର୍ଯ୍ୟକରିବେ ସେଥିପାଇଁ ପରାମର୍ଶ ଦିଆଯାଇଛି । ପ୍ରଧାନଶିକ୍ଷକ ଓ ଅନ୍ୟ ବଛା ବଛା ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଭେକ୍ଟର ବାହିତ ରୋଗ ସଂକ୍ରାନ୍ତରେ ସଚେତନ କରିବେ । ପାଠପଢା ସମୟରେ ପିଲାଙ୍କୁ ରୋଗ ସଂକ୍ରାନ୍ତରେ ସଚେତନ ଲାଗି କୁହାଯାଇଛି । ମଶାବଂଶ ବୃଦ୍ଧି ରୋକିବା ସହିତ ପରିବେଶକୁ ସଫା ସୁତୁରା ରଖିବା, ହାତ ଧୋଇବା ଏବଂ ଏକ ସୁସ୍ଥ ପରିବେଶ ଗଠନ ଉପରେ ସେମାନଙ୍କୁ ସଚେତନ କରାଯିବ । ଏହା ଉପରେ ବିଦ୍ୟାଳୟରେ ବିଭିନ୍ନ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ ଲାଗି କୁହାଯାଇଛି । ଜିଲ୍ଲା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ସହାୟତାରେ ଏହି ସଚେତନତା କାର୍ଯ୍ୟକ୍ରମ ଚଳାଯିବ । ଏନ୍ଏସ୍ଏସ୍, ଏନ୍ସିସି, ସ୍କାଉଟ୍ ଏବଂ ଗାଇଡ୍ମାନଙ୍କୁ ସଚେତନ କାର୍ଯ୍ୟକ୍ରମରେ ସାମିଲ ପାଇଁ ପରାମର୍ଶ ଦିଆଯାଇଛି । ସ୍କୁଲ ପରିସରକୁ ପରିଷ୍କାର ରଖିବା ସହିତ ଛାତ୍ରାବାସ ଗୁଡିକରେ ମଶାରୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓ ରଞ୍ଜନ କୁମାର ସିଂହ ଓ ସ୍ୱାସ୍ଥ୍ୟ ସଚିବ ଡାକ୍ତର ମେହେର୍ଦ୍ଦା ଜିଲ୍ଲାପାଳମାନଙ୍କୁ ଲେଖିଥିବା ପତ୍ରରେ ଏହିସବୁ ରୋଗ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ ଲାଗି ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସାମିଲ ଲାଗି କୁହାଯାଇଛି । ଜୁଲାଇ ୩ ତାରିଖରେ ଆହୂତ ସ୍ୱତନ୍ତ୍ର ଗ୍ରାମସଭା ଓ ପଲିସଭାରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ସହିତ ସ୍ୱାସ୍ଥ୍ୟ ବାର୍ତ୍ତା ପାଠ କରିବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ ଓ ସ୍ୱାସ୍ଥ୍ୟ ସଚିବ ଡାକ୍ତର ମେହେର୍ଦ୍ଦା ସମସ୍ତ ଜିଲ୍ଲାପାଳ ଓ ୫ଟି ମହାନଗର ନିଗମକୁ ଲେଖିଥିବା ପତ୍ରରେ ପୌରାଞ୍ଚଳରେ ୱାର୍ଡ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ଲାଗି ପରାମର୍ଶ ଦେଇଛନ୍ତି । ସହରାଞ୍ଚଳରେ ଥିବା ଆଶା, ଉଷା, ଅଙ୍ଗନବାଡି, ଏଏନ୍ଏମ୍, ଏପିଏମ୍, ସାନିଟାରୀ ଇନ୍ସପେକ୍ଟରମାନଙ୍କୁ ଏଥିରେ ନିୟୋଜିତ ଲାଗି କୁହାଯାଇଛି । ରୋଗୀ କଲ୍ୟାଣ ଓ ୱାର୍ଡ କଲ୍ୟାଣ ସମିତିର ବୈଠକ ଡାକିବା ସହିତ ଲୋକଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଜଣ୍ଡିସ୍ ରୋଗର କାରଣ ଓ ନିରାକରଣ ସଂକ୍ରାନ୍ତରେ ସଚେତନ ଲାଗି ପରାମର୍ଶ ଦିଆଯାଇଛି । ମହାନଗର ନିଗମ ଗୁଡିକ ତୁରନ୍ତ ଡ୍ରେନ୍ ଓ ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ପରିଷ୍କାର ଲାଗି କୁହାଯାଇଛି । ଆବଶ୍ୟକ ସ୍ଥଳେ ୧୦୮ ଓ ୧୦୨ ଆମ୍ବୁଲାନ୍ସର ଉପଯୋଗ ଲାଗି ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ପାତ ଓ ଖଣି ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କିଶୋର ଶର୍ମା ଓ ସ୍ୱାସ୍ଥ୍ୟ ସଚିବ ଡାକ୍ତର ମେହେର୍ଦ୍ଦା ମିଳିତ ଭାବେ ଜିଲ୍ଲାପାଳମାନଙ୍କୁ ଲେଖିଥିବା ପତ୍ରରେ ଶିଳ୍ପ ଓ ଖଣି ଅଞ୍ଚଳରେ ଯେଭଳି ଭେକ୍ଟର ଓ ଜଳ ବାହିତ ରୋଗ ନବ୍ୟାପିବ ସେ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି । ଶିଳ୍ପସଂସ୍ଥା ଓ ଖଣି ମାଲିକମାନେ ସେମାନଙ୍କ କାରଖାନା ଓ ଖଣି ପରିସରରେ ଯେଭଳି ମଶାବଂଶ ବୃଦ୍ଧି ହେଲା ଭଳି କୌଣସ ସାମଗ୍ରୀ ପଡି ନରୁହେ ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି । କେବଳ ଶିଳ୍ପ କିମ୍ବା ଖଣି ଇଲାକା ନୁହେଁ ଏମାନେ ପୋଷ୍ୟ ଭାବେ ଗ୍ରହଣ କରିଥିବା ଆଖପାଖର ଗାଁ ଗୁଡିକରେ ମଧ ଯେଭଳି ଭେକ୍ଟର କିମ୍ବା ଜଳ ବାହିତ ରୋଗ ନବ୍ୟାପେ ସେଥିପାଇଁ ନିୟମିତ ଭାବେ ସଫେଇ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି ।

# ଦିବ୍ୟ ଜୀବନ ସଂଘ ,ବଡିଆଉସ୍ତା ଶାଖା ପକ୍ଷରୁ ମଣିପୁର ଶାଖାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବ୍ରହ୍ମପୁର,୬।୬(ନି.ପ୍ର): ସାନଖେମୁଣ୍ଡି ବ୍ଲକ ସ୍ଥିତ ବଡିଆଉସ୍ତା ଦିବ୍ୟ ଜୀବନ ସଂଘ ଶାଖା ଦ୍ୱାରା ଉତର ପୂର୍ବାଂଚଳ ରାଷ୍ଟ୍ରସମୂହ ଭ୍ରମଣ ପରିପ୍ରେକ୍ଷୀରେ ବଡିଆଉସ୍ତା ଶାଖା ଦ୍ୱାରା ସଭାପତି ଶ୍ରୀକାନ୍ତ ଆଚାର୍ଯ୍ୟଙ୍କ ଦେଉଛନ୍ତି,ତାଙ୍କୁ ସେଥିରୁ ମୁକ୍ତି ଦେବା ପାଇଁ ସତ୍ୟ ସନାତନ ଧର୍ମକୁ ଆପଣାଇବା ସହ ଗୁରୁଗ୍ରନ୍ଥ କୁ ସ୍ୱାଧ୍ୟାୟ କରି ନିଜ ଜିବନରେ ପରିବର୍ତନ କରି ଈଶ୍ୱର ସାକ୍ଷ୍ୟାତ କରିପାରିବେ । ଏହା ଏକ ମାତ୍ର ଲକ୍ଷ୍ୟ ଅଟେ ବୋଲି



ଅଧ୍ୟକ୍ଷତାରେ ମଣିପୁର ଶାଖାରେ ଏକ ସ୍ୱତନ୍ତ୍ର ସତସଂଗ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ର ଆୟୋଜନ କରାଯିବଥିଲା। ଏହି କାର୍ଯ୍ୟକ୍ରମ ର ପ୍ରାରମ୍ଭ ରେ ଜୟ ଗଣେଶ କିର୍ତନ ,ଗୁରୁସ୍ତୁତ୍ର, ଉପଧ୍ୟାନ, ଶନିଶ୍ଚର, ଶ୍ରୀ ସୂକ୍ତମ୍, ଏବଂ ସାମୂହିକ ଭାବେ ଗୀତ ପାଠ ସହ ଭଜନ କୀର୍ତନ ପାଳନ କରାଯାଇଥିଲା । ଉଭୟ ସଂଘ ଶାଖାର ଶତାଧିକ ଭାଇ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ । ଦିବ୍ୟ ଜୀବନ ସଂଘ , ମଣିପୁର ଶାଖାର ସଭାପତି ଉଭୟ ଶାଖାର ସଦସ୍ୟମାନଙ୍କୁ ବିଶ୍ୱର ଅନ୍ତିମ ବ୍ୟକ୍ତିଙ୍କ ଠାରେ ପହଂଚାଇବା ସହ ଶିବାନନ୍ଦ ବାଣୀ ଓ ଚିଦାନନ୍ଦ ବାଣୀ କିଭଳି ପ୍ରସାର ଓ ପ୍ରଚାର ହୋଇ ପାରିବ ବର୍ତମାନର ଯୁବ ପୀଢି ଯେଉଁ ନକରାତ୍ମକ ଚିନ୍ତନକୁ ଅଧିକ ଗୁରୁତ୍ୱ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମୂହିକ ବିଶ୍ୱ ପ୍ରାର୍ଥନା ,ହନୁମାନ ଚାଳିଶା ପାଠ,ବିଶ୍ୱ ର କଲ୍ୟାଣ ନିମନ୍ତେ ଶାନ୍ତିମନ୍ତ୍ର ପାଠ, କରାଯିବା ସହ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେଠାକାର ସଭାପତି ବାରମ୍ବାର ଆସିବା ପାଇଁ ନିମନ୍ତ୍ରଣ ଦେବା ସହ ଏହିଭଳି ଆଧ୍ୟାତ୍ମକ ସତସଂଗ,କରିବା ଦ୍ୱାରା ସମାଜର ଉନ୍ନତି,ଶାଖାର ଉନ୍ନତି, ସହ ରାଷ୍ଟର ଉନ୍ନତି ହେବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଡିଆଉସ୍ତା ଶାଖାର ସଭାପତି ଶ୍ରୀକାନ୍ତ ଅଚାର୍ଯ୍ୟ ,ଲୋକନାଥ ବିଷୋୟୀ,ପ୍ରଦୀପ କୁମାର ପାଢୀ, ଅମର ଜେନା, ଦେବରାଜ ଜେନା, ଲୋକନାଥ ଜେନା ସହ ମଣିପୁର ଶାଖାର ଶତାଧିକ ଗୁରୁଭାଇ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

କୋଣାର୍କ,୬।୬(ନି.ପ୍ର): ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ନେହେରୁ ଯୁବ କେନ୍ଦ୍ର ଓ ଜାତୀୟ ସବୁଜ ବାହିନୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଇକୋ କ୍ଲବର ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ପରିବେଶ ସଚେତନତା ସଭାରେ ଅତିଥିରୂପେ ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଓସ୍କାଲିର ପରିଚାଳକ ତପନ କୁମାର ମହାନ୍ତି, ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ମାନସ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ମହାବାତ୍ୟା ଫାନିରେ କୋଣାର୍କ ଅଭୟାରଣ୍ୟ ସମେତ ଶତାଧିକ ଗ୍ରାମରେ ବୃକ୍ଷ ସଂପଦ କ୍ଷତିଗ୍ରସ୍ତ ହୋଇଛି । ଫଳରେ



ପରିବେଶରେ ଅସନ୍ତୁଳନ ହେବାସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରି ଏବେଠାରୁ ପରିବେଶକୁ ସୁରକ୍ଷା ନ ଦେଲେ ଆଗାମୀ ଦିନରେ ପରିବେଶ ଅଧିକରୁ ଅଧିକ ଅସନ୍ତୁଳିତ ହୋଇ ପଡ଼ିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ବୃକ୍ଷସଂପଦର ପରିପୂର୍ତ୍ତି ଉଦ୍ଦେଶ୍ୟରେ ବ୍ୟାପକ ବୃକ୍ଷରୋପଣ କରିବାକୁ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରିବେଶ ସଚେତନତା କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଆଗାମୀ ଦିନରେ ଚନ୍ଦ୍ରଭାଗା ବେଳାଭୂମି ସମେତ ଗ୍ରାମାଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଇକୋ କ୍ଲବ୍ ଅଧ୍ୟକ୍ଷ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

# ଡେଲାଙ୍ଗ ବ୍ଲକରେ ଫନି ବାତ୍ୟାରେ ଭାଙ୍ଗିଥିବା ବାସଗୃହ ସଂଖ୍ୟା୨୫,୫୭୮

ଡେଲାଙ୍ଗ,୬।୬(ନି.ପ୍ର): ସାମୁଦ୍ରିକ ଝଡ ବାତ୍ୟା ଫାନି ପ୍ରଭାବରେ ଡେଲାଙ୍ଗ ବ୍ଲକରେ ଭାଙ୍ଗି ଯାଇଥିବା ପରିବାରଙ୍କ ବାସଗୃହ ସଂଖ୍ୟା୨୫,୫୭୮ ହୋଇଥିବା ମିଳିତ ତଦନ୍ତ ରିପୋର୍ଟରୁ ସୂଚନା ମିଳିଛି । ଡେଲାଙ୍ଗ ବ୍ଲକରେ ୨୧ଟି ପଂଚାୟତ ର ବାତ୍ୟା ପ୍ରଭାବରେ ଭାଙ୍ଗି ଯାଇଥିବା ଗୃହକୁ ତଦନ୍ତ କରିବା ନିମନ୍ତେ ୧୬ଜଣିଆ ଟିମ ଗଠନ କରାଯାଇଥିଲା ।ଗଠିତ ପ୍ରତି ଟିମରେ ଜଣେ ରାଜସ୍ୱ ନିରୀକ୍ଷକ,ପଂଚାୟତ ନିର୍ବାହି ଅଧିକାରୀ ଓ ପଂଚାୟତ ରୋଜଗାର ସେବକ ସହିତ ରାଜସ୍ୱ ସୁପରଭାଇଜର ଓ ଅତିରିକ୍ତ ତହସିଲଦାର ତଦନ୍ତ ପ୍ରକିୟାରେ ତଦାରଖ କରିଥିଲେ ।ଏହି ଟିମର ତଦନ୍ତ ରପୋର୍ଟ ତହସିଲ କାର୍ଯ୍ୟାଳୟରେ ପହଂଚି ଥାଏ । ତହସିଲଦାର ଡେଲାଙ୍ଗ ରାଜେନ୍ଦ୍ର ଆଚାର୍ଯ୍ୟ ସୂଚନା ମୁତାବକ ଜୁନ୭ ତାରିଖ ସୁଧା ପୁରୀ ଜିଲ୍ଲାପାଳଙ୍କ ମଞ୍ଜୁର ପାଇଁ ରିପୋର୍ଟ ପଠାଯିବ ।୧୮୨ ପରିବାରଙ୍କ କଚାଘର ସମ୍ପୁର୍ଣ୍ଣ ଭାଙ୍ଗିଥିବା ବେଳେ ୪୪ପରିବାରଙ୍କ ପକ୍କାଘର ଓ ୧୩୨୩୯ ପରିବାରଙ୍କ କଚାଘର କ୍ଷତିଗ୍ରସ୍ତ ହୋଇଛି । ସେହିପରି ୬୨୪୮ ପରିବାରଙ୍କ କଚାଘର ୪୩୭୪ ପରିବାର ପକ୍କାଘର ଆଂଶିକ କ୍ଷତିଗ୍ରସ୍ତ ୧୦୩ ପରିବାରଙ୍କ କୁଡିଆ ଚାଳି ଓ ୧୩୮୬ ଗୁହାଳ ଘର କ୍ଷତିଗ୍ରସ୍ତ ହୋଇଥିବା ଅତିରିକ୍ତ ତହସିଲଦାର ସୋମେରନ୍ଦ୍ର ଭୁତିଆ ସୂଚନା ଦେଇଛନ୍ତି ।

# ସେବା ଉତ୍ସବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଦଶପଲ୍ଲା,୬।୬(ନି.ପ୍ର): ବ୍ଲକ ଅନ୍ତର୍ଗତ କୁଜାମେଣ୍ଢି ଠାରେ ନୟାଗଡ ଜିଲ୍ଲା ସେବା ଉତ୍ସବ ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସହ ଚଷମା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକର ବହୁ ଆଦିବାସୀ ଅଧ୍ୟୁଷିତ ଅଂଚଳର ୨ଶହ ୫୦ ଜଣ ରୋଗୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାସହ ୭୦ଜଣ ଚକ୍ଷୁ ରୋଗୀଙ୍କୁ ମାଗଣା ଚଷମା ବଂଟନ କରାଯାଇଥିଲା । ଜିଲ୍ଲା ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରଶ୍ମୀରଞ୍ଜନ ପ୍ରଧାନ, ଦଶପଲ୍ଲା ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଟି. ଅଭିମନ୍ୟୁ ଦୋରା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଚିକିତ୍ସା ଶିବିରରେ ଚକ୍ଷୁ ବିଶେଷଜ୍ଞ ଅରବିନ୍ଦ ଦାଶ ଏବଂ ଆୟୁର୍ବେଦ ବିଶେଷଜ୍ଞ ରମେଶ ଚନ୍ଦ୍ର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ସହ ଔଷଧ ଓ ଚଷମା ବଂଟନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ସମାଜସେବୀ ବଂଶୀଧର ସାହୁ, ଭଗବାନ ବେହେରା, ବ୍ରଜେନ୍ଦ୍ର ପ୍ରସାଦ ଧଳ ଏବଂ ସୁଜିତ୍ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଜେକେ ଗ୍ରୁପ୍ ପକ୍ଷରୁ ଫନି ସହାୟତା

ରାୟଗଡା ,୬।୬(ନି.ପ୍ର): ଜେକେ ଗ୍ରୁପ ଅପ କଂପାନୀ ତଥା ଜେକେ ଲକ୍ଷ୍ମୀପତି ସିଂଘାଣିଆ ଫାଉଣ୍ଡେସନ ତରଫରୁ ଫନି କ୍ଷତିଗ୍ରସ୍ତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧ କୋଟି ୩୧ ଲକ୍ଷ ୫୭ ହଜାର ୬୪୨ ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି । ଜେକେ ଗ୍ରୁପ ଅଫ କଂପାନୀର ଅଧ୍ୟକ୍ଷ ହର୍ଷପତ ସିଂଘାଣିଆ, ଜେକେ ପେପର ଲିମିଟେଡର ସଭାପତି ତଥା ନିର୍ଦ୍ଦେଶକ ଏ.ଏସ୍.ମେହେଟ୍ଟା, ଆଜୀବନ ନିର୍ଦ୍ଦେଶକ ଶୈଳେନ୍ଦ୍ର ଚୈକ୍ସି, ଜେକେ ଲକ୍ଷ୍ମୀସିମେଂଟର ପ୍ରିୟଦର୍ଶୀ ମହାପାତ୍ର ଏବଂ ପ୍ରଫୁଲ ଧଳ ସାଧାରଣ ପରିଚାଳକ ( ସିଏସଆର) ସ୍ପର୍ଶ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକଙ୍କୁ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି । ଜେକେ ଗ୍ରୁପର ଅଧ୍ୟକ୍ଷ ସିଂଘାଣିଆ ପ୍ରକାଶ କରିଥିଲେ ଓଡିଶାର ଜନସାଧାରଣଙ୍କ ନିକଟରେ ଜେକେ ଗ୍ରୁପ ଅଫ କଂପାନୀ ସର୍ବଦା ସୁଖ ଦୁଃଖରେ ସାଥୀ ହୋଇ ରହିଥିବା ବୋଲି ପ୍ରକାଶ କରିଥିଲେ ।

# 'ପରିବେଶକୁ ସୁରକ୍ଷିତ କରନ୍ତୁ,ନହେଲେ ମାନବ ସମାଜକୁ ଗ୍ରାସ କରିବ ପ୍ରାକୃତିକ ବିପର୍ଯ୍ୟୟ'

ଗୋପାଳପୁର,୬।୬(ନି.ପ୍ର): ଆଜିକାଲି ଯେଉଁ ଭଳି ପ୍ରାକୃତି ବିପର୍ଯ୍ୟୟ ଆସୁଛି ତାର ମୂଳକାରଣ ହେଉଛି ପରିବେଶର ସୁରକ୍ଷା ଅଭାବ । ତେଣୁ ଏହି ପରିବେଶ ର ସୁରକ୍ଷା ଅଭାବରେ ମାନବ ସମାଜ ର ସ୍ଥିତି ମଧ୍ୟ ଧ୍ୱଂସ ହୋଇଯିବ । ତେଣୁ ଏବେ ଠାରୁ ପରିବେଶ ସୁରକ୍ଷା ପାଇଁ ସମାଜର ସମସ୍ତ ବର୍ଗର ଜନସାଧାରଣ ଏଥିପାଇଁ ଉଦ୍ୟମ କରିବା ନିହାତି ଆବଶ୍ୟକ। ନଚେତ୍ ଫାଇଲିନ୍,ହୁଡ୍ ହୁଡ ଭଳି ଫନୀଭଳି ପ୍ରାକୃତିକ ବିପର୍ଯ୍ୟୟର ଇତିହାସ ପୁଣି ମନେପକାଇଦେବ । ଆଜି ବିଶ୍ୱ ପରିବେଶ ଦିବସ । ଏହି ଅବସରରେ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ଚାରାରୋପଣ କରିବା,ବୃକ୍ଷକୁ ସୁରକ୍ଷା ଦେବା,ଅଯଥା ବୃକ୍ଷ ଛେଦନକୁ ବିରୋଧ କରିବା,ବୋଲି ବକ୍ତାମାନେ କହିଥିଲେ । ବନବିଭାଗ ର ଅଧିକାରୀ ଆଶିଷ କୁମାର ବେହେରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ଶୁଭାରମ୍ଭ କରିଥିଲେ । ଜିଲ୍ଲା ଆଇନ ସେବା ପଦାଧୀକାରୀ କରଣ ସଚିବ ବିଜୟ କୁମାର ଦାଶ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ରେଜିଷ୍ଟାର ଅମିତ ଏସ କେ ସେଠ୍ ସିଭିଲ ଜଜ୍ କେକେ ନାୟକ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା, ସମେତ ବହୁ ବିଚାରପତି ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ର ସୁରକ୍ଷା ପାଇଁ ଏହାର ଆବସ୍ୟକତା ସଂମ୍ପର୍କରେ ଆଲୋକପାତ କରିଥିଲେ ।

# ସମ୍ରାଟ ମେମୋରିଆଲ କ୍ଲବ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ପାରାଦୀପ,୬।୬(ନି.ପ୍ର): ସମ୍ରାଟ୍ ମେମୋରିଆଲ କ୍ଲବ ପାରାଦୀପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଲବ ପକ୍ଷରୁ ସହରର ନୂଆବଜାର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ପ୍ରଦୂଷଣମୁକ୍ତ ପାରାଦୀପ ସହର ଗଠନ କରିବା ଦିଗରେ ସ୍ଥାନୀୟ ଯୁବ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ପରୀପ୍ରେକ୍ଷୀରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ୧୫ନମ୍ବର ୱାର୍ଡ଼ର ପାରିଷଦ ମାନଓ ବିଶ୍ୱାଳ, ପାରାଦୀପ କଲେଜର ଏନସିସି କମାଣ୍ଡାଣ୍ଟ ଅକ୍ଷୟ ମିଶ୍ର, କ୍ଲବ ସଭାପତି ବଂଶୀଧର ବେହେରା, ସମ୍ପାଦକ ଅଧୀର କୁମାର ସାହୁ, ସହସମ୍ପାଦକ ନିହାର ରନ ସ୍ୱାଇଁ, ତପନ କୁମାର ଭୋଳଙ୍କ ସମେତ କ୍ଲବର ସମସ୍ତ କମକର୍ତ୍ତା ଯୋଗଦାନ କରି ପାରାଦୀପକୁ ପଲିଥିନମୁକ୍ତ ସହର କରିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ।




# ବିଲୁପ୍ତ ହେବାରେ ଲାଗିଛି ପରବ ରାଣୀ ରଜର ପରମ୍ପରା

କୋଣାର୍କ ,୬।୬(ନି.ପ୍ର): ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ । ଆମେ ପାଳନ କରୁଥିବା ସମସ୍ତ ପର୍ବ ପର୍ବାଣୀଗୁଡିକରେ ଦେବାଦେବୀମାନଙ୍କୁ ପୂଜା କରୁଥିବାବେଳେ ରଜପର୍ବ ଏହାର ଏକ ବ୍ୟତିକ୍ରମ । ଏହି ପର୍ବକୁ ମାଟିମାର ବିଶ୍ରାମ ପର୍ବ ବୋଲି ଆମେ ମାନିଥାଉ । ଏହି ପର୍ବ ଝିଅ ବୋହୁମାନଙ୍କର ଏକ ମୁଖ୍ୟ ପର୍ବ ହୋଇଥାଏ । ପୂର୍ବେ ରଜ ଉତ୍ସବ ସମୟରେ ଗାଁ ଦାଣ୍ଡରେ ପୁଅ ପିଲାମାନେ କବାଡି. ତାସ, ପଶା ଓ ଲୁଡୁ ଖେଳରେ ମଜିରହୁଥିବା ବେଳେ ଏହି ସମୟରେ ଝିଅ ବୋହୁମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲୁଡୁ, ପୁଚି ଇତ୍ୟାଦି ଖେଳିବା ସହ ଗାଁ ମଧ୍ୟରେ ଥିବା ବଡ ବଡ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ 'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ........" ଇତ୍ୟାଦି ବିଭିନ୍ନ ରଜମର ପଲ୍ଲୀଗୀତ ବୋଲି ଥାନ୍ତି । ଓଡିଆମାନଙ୍କର ସଂସ୍କୃତି ଓ ପରମ୍ପରାର ଏକ ନିଚ୍ଛକ ପ୍ରତିଛବି ହେଉଛି ଏହି ରଜ ପର୍ବ । ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବର ପୂର୍ବ ପରମ୍ପରା ହଜିବାରେ ଲାଗିଛି । ଉଗ୍ର ଆଧୁନିକତାର କୁ ପ୍ରଭାବରେ ଓଡିଆମାନଙ୍କର ପୁରାତନ ପରମ୍ପରା ଓ ସଂସ୍କୃତି ଜନମାନସରୁ ବିଲୁପ୍ତ ହେବାରେ ଲାଗିଛି । ଆଜିର ମାନବ ଆଧୁନିକ ସଂସ୍କୃତିକୁ ଆପଣେଇ ନେଉଥିବାରୁ ଉତ୍କଳବାସୀଙ୍କ ୧୨ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁ ନାହିଁ । ଓଡିଆ ମାନଙ୍କର ମୂଖ୍ୟ ଆକର୍ଷଣର ପର୍ବ, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନଥିବା ପରି ମନେହେଉଛି । ଓଡିଆମାନେ ଏହି ପର୍ବକୁ ଉତ୍ସାହ ଉଦ୍ଦିପନାର ସରହ ୪ଦିନ ଧରୀ ପାଳନ କରିଥାନ୍ତି । ଆଷାଢ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ କରାଯାଇଥାଏ । ପ୍ରଥମ ଦିବସକୁ ପହିଲିରଜ, ଦ୍ୱିତୀୟ ଦିବସକୁ ରଜସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମୀଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରାଯାଇଥାଏ । ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡପିଠା ଓ ସୁଶ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବାସହ ଖଳକୁଦରେ ପୁରପଲ୍ଲୀରେ ଆନନ୍ଦର ଲହରୀ ଖେଳି ଉଠୁଥିଲା । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଜୁନ ମାସ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଧୁମ ଧାମରେ ପାଳିତ ହେବ ରଜଉତ୍ସବ । ଏଥିପାଇଁ ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ପ୍ରସ୍ତୁତି ଯାରି ରହିଥିବା ବେଳେ ଝିଅ ବୋହୁମାନେ ରଜ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ମଧ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।



# ସିଆରପିଏଫ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ରାୟଗଡା ,୬।୬(ନି.ପ୍ର): ସଦର ମହକୁମା ସ୍ଥିତ ସିଆରପିଏଫର ୪ର୍ଥ ବାଟାଲିୟନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ବିଶ୍ୱ ପରିବେଶ ଦିବସ ଅବସରରେ ବାୟୁ ପ୍ରଦୂଷଣ କୁ କିପରି ରୋକାଯାଇପାରିବ



ତାହା ଏବର୍ଷର ବାର୍ତା ହୋଇଛି । ବିଶ୍ୱ ପରିବେଶ ଦିବସ ଅବସରରେ ସିଆରପିଏଫ କ୍ୟାମ୍ପ ପରିସରରେ କମାଡେଂଟ ୱାଇ.କେ.ରାଜପୁତ, ଡେପୁଟି କମାଡେଂଟ ଅଶୋକ ପି.ଏମ, ସହକାରୀ କମାଡେଂଟ କୁଲଦୀପ ସିଂ, ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ମହାନ୍ତି, ଅମୂଲ୍ୟ ପ୍ରସାଦ ରାମ ଏବ ସମସ୍ତ ଜବାନ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ଶ୍ରୀରାଜପୁତ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ବୃକ୍ଷ ହିଁ ଜୀବନ, ଏଣୁ ସମସ୍ତେ ବୃକ୍ଷର ଉପକାରିତା ବୁଝି ବୃକ୍ଷକୁ ବଂଚାଇ ରଖିବା ନିମନ୍ତେ ଚେଷ୍ଟା କରିବା ସହ ଗୋଟାଏ ଗୋଟାଏ ବୃକ୍ଷ ଲଗାଇ ତାହାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ ।



ମହାପୁରୁଷଙ୍କ ଲେଖନୀରୁ ...

ଡମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଭାରତର ବିଶ୍ୱକପ୍ ଅଭିଯାନ

ଚଳିତ ବିଶ୍ୱକପ୍ କ୍ରିକେଟର ପ୍ରଥମ ମ୍ୟାଚରୁ ହିଁ ଭାରତୀୟ ବୋଲର ସେମାନଙ୍କର ଯାଦୁ ଦେଖାଇଛନ୍ତି । ରୋହିତ ଶର୍ମା ମଧ୍ୟ ଶତକ ମାରିଛନ୍ତି । ବିଶ୍ୱକପ୍ ମହାକୁମ୍ଭ ବିଗୁଲ୍ ବାଜିବାର ସପ୍ତାହକ ପରେ ଟିମ୍ ଇଣ୍ଡିଆ ମଇଦାନକୁ ଓହ୍ଲାଇଛି । ସାଉଥମ୍ ଟନ୍‌ର ଐତିହାସିକ ରୋଜବାଉଲ ଷ୍ଟାଡିୟମରେ ବିଶ୍ୱକପ୍‌ର ଅଷ୍ଟମ ମ୍ୟାଚ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ଟିମ୍ ଇଣ୍ଡିଆର ପ୍ରଦାର୍ପଣ ମ୍ୟାଚ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ଲିଗ୍ ପର୍ଯ୍ୟାୟ ତୃତୀୟ ମ୍ୟାଚ ଖେଳିଥିଲା । ଦକ୍ଷିଣ ଆଫ୍ରିକାକୁ ହରାଇ ଟାଇଟଲ ଆଶାୟୀ ଭାରତ ଚଳିତ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ ବିଜୟରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି । ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୯ ୱିକେଟ ହରାଇ ୨୨୭ରନ୍ କରିଥିବା ବେଳେ ଭାରତ ୪୭.୩ ଓଭରରେ ୪ ୱିକେଟ ହରାଇ ୨୩୦ରନ୍ ସଂଗ୍ରହ କରି ବିଜୟୀ ହୋଇଛି । ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହା ୫ମ ବିଶ୍ୱକପ୍ ମୁକାବିଲା ହୋଇଥିବା ବେଳେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି । ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚକୁ ମିଶାଇ ଚଳିତ ବିଶ୍ୱକପ୍‌ରେ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି । ଉଦ୍‌ଘାଟନୀ ମ୍ୟାଚରେ ଇଂଲଣ୍ଡ ନିକଟରୁ ଓ ପରେ ବାଂଲାଦେଶ ନିକଟରୁ ଦକ୍ଷିଣ ଆଫ୍ରିକା ମ୍ୟାଚ ହାରିଥିବା ବେଳେ ବିଶ୍ୱକପ୍‌ରେ ନିଜର ସ୍ଥିତି ଓ ସ୍ଥାନ ବଜାୟ ରଖିବାକୁ ଜୁନ୍ ୫ତାରିଖରେ ଅନୁଷ୍ଠିତ ଭାରତ ସହ ମୁକାବିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ତେବେ ଭାରତଠାରୁ ଦକ୍ଷିଣ ଆଫ୍ରିକା ହାରି ଯାଇଛି । ଦକ୍ଷିଣ ଆଫ୍ରିକା କ୍ରମାଗତ ତୃତୀୟ ପରାଜୟ ଭୋଗି ଚିନ୍ତାରେ ପଡିଯାଇଛି । ଚଳିତ ବିଶ୍ୱକପ୍‌ରେ ଭାରତ ତାର ପ୍ରଥମ ମ୍ୟାଚରେ ବିଜୟୀ ହୋଇ ୨ ପଏଣ୍ଟ ପାଇଥିବା ବେଳେ ଦ୍ୱିତୀୟ ଲିଗ୍ ମ୍ୟାଚ ଆସନ୍ତା ୯ ତାରିଖରେ ଅଷ୍ଟ୍ରେଲିଆ ସହ ଖେଳିବ । ୫୦ ଓଭର ବିଶିଷ୍ଟ ଏହି କ୍ରିକେଟ ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଏପରି ଦଶଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମଥର ବିଶ୍ୱକପ୍ ୧୯୭୫ରେ ଆରମ୍ଭ ହୋଇଥିବା ବେଳେ ଆଇସିସି ଆନୁକୂଲ୍ୟରେ ଏଯାଏ ୧୧ଟି ବିଶ୍ୱକପ୍ ୫ଟି ମହାଦେଶରେ ଆୟୋଜିତ ହୋଇସାରିଛି । ଏଥିରେ ଆଇସିସିର ସ୍ୱୀକୃତିପ୍ରାପ୍ତ ଦଳ ମଧ୍ୟରୁ ମାତ୍ର ୨୦ଟି ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି । ସେଥିମଧ୍ୟରୁ ଅଷ୍ଟ୍ରେଲିଆ ସର୍ବାଧିକ ୫ଥର, ଭାରତ- ୱେଷ୍ଟଇଣ୍ଡିଜ ୨ଥର, ପାକିସ୍ତାନ ଓ ଶ୍ରୀଲଙ୍କା ଥରେ ଲେଖାଏଁ ଟାଇଟଲ ବିଜୟ ହୋଇଛନ୍ତି । ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଥରେ ହେଲେ ଟାଇଟଲ ଜିତି ପାରି ନାହାନ୍ତି । ପୂର୍ବରୁ ବିଶ୍ୱକପ୍‌ରେ ଭାରତ ୧୯୮୩ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହେବା ସହ ଥରେ ରନର୍ସଅପ୍ ଓ ୩ଥର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ୪ଥର ଲିଗ୍ ପର୍ଯ୍ୟାୟରେ ବିଜୟୀ ହୋଇଛି । ଇଂଲଣ୍ଡ ମାଟିରେ ଭାରତ ଏହି ପ୍ରତିଯୋଗିତାର ତୃତୀୟ ସଂସ୍କରଣରେ ଚାମ୍ପିଅନ ହେବା ପରେ ମୋଟ ଦୁଇଥର ବିଶ୍ୱବିଜେତା ହୋଇଛି ଓ ଥରେ ଫାଇନାଲକୁ ଯାଇଛି । କ୍ରିକେଟ ରଣାଙ୍ଗନକୁ ଓହ୍ଲାଇଥିବା ଟିମ୍ ଇଣ୍ଡିଆର ୧୫ଜଣ ଯୋଦ୍ଧାଙ୍କ ପାଖରେ ରହିଛି ପ୍ରତିପକ୍ଷଙ୍କୁ ଜଳକା କରିବାର ସମସ୍ତ ଦକ୍ଷତା । ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ବିରାଟ କୋହଲିଙ୍କ ନେତୃତ୍ୱରେ ଭଲ ଫର୍ମରେ ଥିବାରୁ ଏଥର ଭାରତ ପୁନର୍ବାର ବିଶ୍ୱକପ୍ ବିଜୟୀ ହେବ ବୋଲି କ୍ରିକେଟ ପ୍ରେମୀ ଆଶାବାଦୀ ।

# ଶିବ ବିବାହ

**ନାଟ୍ୟସାରଥି ଅଭୟ କୁମାର ଦାସ**

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ମହାଯୋଗୀ ଶିବ ନିଜର ଶିବାଗଣ, ନନ୍ଦୀ ଓ କୁକୁଟିଙ୍କ ଗହଣରେ ମହାସମାରୋହରେ ଯାଇ ଦେବୀ ଗୌରୀଙ୍କୁ ବିବାହ କରିବାର ସ୍ମାରକୀ ରୂପେ ପାଳିତ ହୁଏ ଶିବ ବିବାହ ଓ ଶୀତଳ ଷଷ୍ଠୀ । ଭୁବନେଶ୍ୱରର



ଲିଙ୍ଗରାଜ ମନ୍ଦିର, ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳ ଏବଂ ସୁନ୍ଦରଗଡ଼, ସମ୍ବଲପୁରରେ ମହାସମାରୋହରେ ପାଳିତ ହୁଏ ଶୀତଳ ଷଷ୍ଠୀ । ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନଗୁଡ଼ିକରେ ଏହି ଉତ୍ସବଟି ପାଳିତ ହୁଏ ଦିଅଁବିଭା ନାମରେ । ପୁରୀ ସହରରେ ନିମନ୍ତ୍ରଣ, ଦିଅଁବିଭା, ଶୀତଳଷଷ୍ଠୀ, ଗୁଆଲି, ସାତମଙ୍ଗଳା ଆଦି କ୍ରମରେ ପାଳିତ ହୁଏ । ଶାସନ ଗ୍ରାମଗୁଡ଼ିକରେ ଶିବ-ପାର୍ବତୀଙ୍କ ବିବାହ ସରିବା ପରେ ପାର୍ବତୀଙ୍କୁ ସାଙ୍ଗରେ ଧରି ଶିବ ନିଜର ବୃଷଭ ବାହନରେ ଫେରନ୍ତି । ଏହାକୁ କୁହାଯାଏ ବାହୁଡ଼ା ବରକନ୍ୟା । ଏହି ସମୟରେ ବିଭିନ୍ନ ପ୍ରକାର ଆତସବାଜି ଜରିଆରେ ଗ୍ରାମବାସୀ ସ୍ୱାଗତ ଜଣାନ୍ତି । ଏଥିପାଇଁ ଦୀର୍ଘ ଏକମାସ ଲାଗି ଗ୍ରାମବାସୀ ବାଣ ତିଆରି କରିଥାନ୍ତି । ଦୁଇ ଦଳ ହୋଇ ଆତସବାଜି ପ୍ରତିଯୋଗିତା ମଧ୍ୟ କରନ୍ତି । ଏହି ସମୟରେ ଘରେ ଘରେ ଚୂଡ଼ାଘଷା, ଖିରି, ଡାଲମା, ସପୁରୀ, ଆଦି ଦେବତାଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଯାଏ । ପୁରୀରେ ଠାକୁରଙ୍କର ଗୁଆଲି ସହିତ ମେଢ଼ନାଚ, ଖଣ୍ଡାବୁଲା, ପାଇକଖେଳ ପ୍ରଦର୍ଶନ କରାଯାଇଥାଏ । ଶିବ ବିବାହ ପରଦିନ ପାଳିତ ହୁଏ ଶୀତଳ ଷଷ୍ଠୀ ।

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଶିବ ବିବାହ ଓ ଶୀତଳ ଷଷ୍ଠୀ

**ଦେବାଶିଷ ଆଚାର୍ଯ୍ୟ**



ସଂପ୍ରତି ସୂର୍ଯ୍ୟଦେବଙ୍କ ପ୍ରକୋପ କିଛିଟା ପ୍ରଶମିତ ହୋଇ ପ୍ରାକ ମୌସୁମୀ ଅବସରରେ ପରିବେଶ ଶୀତଳ ହେଉଛି। ଶୀତଳ ଷଷ୍ଠୀ ହେଉଛି ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ମିଳନର ପର୍ବ କହିବାକୁ ଗଲେ ଶିବ ବିବାହ ଉତ୍ସବ ହିଁ ହୋଇଥାଏ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ମାତା ପାର୍ବତୀଙ୍କର ଶିବଙ୍କ ସହ ବିବାହ ହୋଇଥିଲା। 'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ। ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର। ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ। ବିଶେଷକରି ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ବେଶ ପ୍ରଖ୍ୟାତ। ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା। ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ। ଦୋଳୋତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ। ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ। ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ। ଅନ୍ୟ ଚିନ୍ତନରେ, ମହାବିଷୁବ ସଂକ୍ରାନ୍ତୀ ଠାରୁ ସୂର୍ଯ୍ୟ ଦକ୍ଷିଣରୁ ଉତ୍ତରାୟଣକୁ ଅଗ୍ରସର ହେଉଥିବା ବେଳେ ଜଳବିଷୁବ ସଂକ୍ରାନ୍ତୀରୁ ସେ ଉତ୍ତରରୁ ଦକ୍ଷିଣାସ୍ଥାନକୁ ଗତି କରନ୍ତି। ଯାହାଦ୍ୱାରା ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ପୃଥିବୀ କ୍ରମେ କ୍ରମେ ଶୀତଳତା ପାଇବା ସହ ସୂର୍ଯ୍ୟଦେବଙ୍କର ଗତିକ୍ରମରେ ଆକାଶରେ ମେଘ ସୃଷ୍ଟି ହୁଏ ଓ ସେହି ଘନୀଭୂତ ମେଘ ପରବର୍ତ୍ତୀ ସମୟରେ ବର୍ଷାର ରୂପ ନେଇଥାଏ। ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ। ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ। ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ। ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି। ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ। ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ। ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ। ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ। ଶିବ-ପାର୍ବତୀଙ୍କ ପାଣିଗ୍ରହଣ ଉତ୍ସବ ଲୌକିକ ରୀତିନୀତିରେ ସାହି ଓ ସହର ପରିକ୍ରମା ସହ ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଦିବ୍ୟାଶୀର୍ବାଦ ପାଇବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବିବାହ ପରଦିନ ଶିବପାର୍ବତୀ ବିମାନରେ ଘର ଘର ବୁଲି ଭୋଗ ଖାଇଥାନ୍ତି। ଲୌକିକ ରୀତିନୀତି ଅନୁଯାୟୀ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ। କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ। ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଯେଉଁ ମିଳନର ପର୍ବ ତାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାଏ। କହିବାକୁଗଲେ ଶୀତଳ ଷଷ୍ଠୀ ପୁରାଣ ଚେତନା ଓ ଯୁବଚେତନାର ପ୍ରତିଭାଷ ମାତ୍ରନୁହେଁ ଶାନ୍ତିକାମୀ, ମଙ୍ଗଳମୟ ଓ ନ୍ୟାୟ ପ୍ରତିଷ୍ଠାର ଅବସର ମଧ୍ୟ। ଶୀତଳ ଷଷ୍ଠୀ ଏପରି ଏକ ପାରମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟରେ ଚେତନାକୁ ଜାଗ୍ରତ କରିଥାଏ। ଭଗବାନ ଶିବ ଓ ମାତା ପାର୍ବତୀ ଆମ ସମସ୍ତଙ୍କୁ ଦିବ୍ୟାଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା।

*ଦକ୍ଷିଣ ରାଢ଼ଙ୍ଗ, ପୁରୀ*

# ନୀଳଗିରି ସନ୍ଥ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

**ଉମା ଶଙ୍କର ପ୍ରସାଦ**

ବାଲେଶ୍ୱର ନୀଳଗିରି ମାଟିର ଯୋଗଜନ୍ମା ସନ୍ତାନ /ସନ୍ଥ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯାହାଙ୍କର ସରଳତା ଓ ପରୋପକାରୀ ମନୋଭାବ ଆଜି ତାଙ୍କୁ ଦରିଦ୍ର ବସ୍ତାରୁଭି ରାଜନୀତିର ଉତ୍ତୁଙ୍ଗ ଶିଖରରେ ପହଁଚାଇ ପାରିଛି। ସେ ମିଥ୍ୟା ପ୍ରତିପାଦିତ କରିଛନ୍ତି ଯେ ବିନା ଟଙ୍କାରେ ନିର୍ବାଚନ ଜିତି ହୁଏ ନା । ମୋଦି ସରକାରରେ ଏଭଳି ଜଣେ ବ୍ୟକ୍ତିତ୍ୱ ଆଜିବି ୪ ବଖରା ଘଳ ଘରେ ରହି ସଦାବେଳେ ତଳକୁ ଦେଖିବା ସହ ତଳିଆ ଲୋକଙ୍କ ପାଇଁ କିଛି କରିବାର ସଂକଳ୍ପ କରିଥାନ୍ତି। ଯାହା ତାଙ୍କୁ ଆଜିକାର ଆଧୁନିକ ଯୁଗର ଜାକ ଜକମ ସତ୍ତ୍ୱେ ମଧ୍ୟ ଏକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କରିପାରିଛି।

ଲୋକ ରାଜନୀତି କରନ୍ତି ନିଜର ପରିବାରର ପିଢୀ ପିଢୀ ପାଇଁ ଧନ ସଂଚିତ କରି ଅୟସ କରିବା ପାଇଁ ମାତ୍ର ପ୍ରତାପ ବାବୁଙ୍କ ପାଇଁ ରାଜନୀତି ହେଉଛି କେବଳ ଜନତା ଜନାର୍ଦ୍ଦନଙ୍କ ସେବା। ଆଜିକାର ଏକବିଂଶତମ ବିଜ୍ଞାନ ଯୁଗରେ ଏହି ସନ୍ଥ ପ୍ରତୀମ ପ୍ରତାପବାବୁ ଶୁନଗାଡ଼ି ଚଢ଼ି ଲୋକମାନଙ୍କ ପାଖରେ ପହଚିଂ ସେମାନଙ୍କ ଦୁଃଖ, ଦୁର୍ଦ୍ଦଶାକୁ ଲାଘବ କରିବା ପାଇଁ ସରକାରଙ୍କ ପାଖରେ ସ୍ୱର ଉତୋଳନ କରିଥାନ୍ତି। ଦୁଇ ଦୁଇ ଥର ୨୦୦୪ରୁ ୧୦୦୯ ଓ୨୦୦୯ରୁ ୨୦୧୪ ନୀଳଗିରି ବିଧାୟକ ନିର୍ବାଚିତ ହୋଇଛନ୍ତି। ମାତ୍ର ଆଜି ସେଇ ୪ ବଖରା ଲାଲମାଟିର ଘଳଘର। ଘର ଭିତରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସହ ବିନୋଭା ବାଭେ, ରାମକୃଷ୍ଣ ପରମହଂସ ଦେବ ଓ ଓଡ଼ିଆର ଆରାଧ ପ୍ରଭୁ ଜଗନ୍ନାଥଙ୍କର ଫଟୋଚିତ୍ର। ଯାହା ତାହାଙ୍କୁ ସତ୍ୟପଥରେ ଅଗ୍ରସର ହେବାପାଇଁ ପ୍ରେରଣା ଦେଇଥାଏ ବୋଲି ସେ ତାଙ୍କ ସାକ୍ଷାତକାରରେ କହନ୍ତି। "ଶ୍ରେୟାଂସ ବହୁ ବିଘ୍ନାନି" କୌଣସି ଏକ ଶ୍ରେଷ୍ଠ କାର୍ଯ୍ୟ କରିବାକୁ ଗଲାବେଳେ ବହୁ ବିଘ୍ନ ଆସିଥାଏ। ମାତ୍ର ଯେଉଁବ୍ୟକ୍ତି ତାଙ୍କୁ ଭ୍ରୁକ୍ଷେପ ନ କରି ନିଜର କର୍ମପଥରେ ଆଗୁସାର ହୋଇଥାଏ ଈଶ୍ୱର ସେ ବ୍ୟକ୍ତିକୁ ଆଶିର୍ବାଦ କରିବା ସହ ସଫଳ କରାଇଥାନ୍ତି। ଲୋକ ଥରେ ରାଜନୀତିରେ ପାଦ ଥାପି ବିଧାୟକ ବା ସଂସଦ ବା ଜିଲ୍ଲା ପରିଷଦ ବା ନଗର ନିଗମ ଅଧକ୍ଷ ହେଉ ହେଉ ଦୁଆରେ ଠିଆ ହୋଇଯାଏ ଦାମୀ ଗାଡ଼ି। ସାଧାରଣ ଜନତା ସେମାନେ ପ୍ରଶ୍ନ କରନ୍ତିନି । ସେମାନଙ୍କର ଏ ସ୍ୱଳ୍ପ ସମୟ ଭିତରେ କୋଟି ପତି ହେବା ପଛର ମନ୍ତ୍ର କ'ଣ? । ମାତ୍ର ଆଜି ଭାରତର ଅନ୍ୟତମ ସନ୍ଥ ନରେନ୍ଦ୍ର ମୋଦୀ ଦ୍ୱିତିୟ ଥର ସମଗ୍ର ଭାରତବାସୀଙ୍କ ହୃଦୟର ନିବୃତ କୋଣରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପ୍ରଧାନ ମନ୍ତ୍ରୀ ପଦ ଅଳଙ୍କୃତ କରିବା ସହ ବିଦେଶ ମାଟିରେ ମଧ୍ୟ ହଟ ଚମକ ସୃଷ୍ଟି କରିଛନ୍ତି। ତାଙ୍କ ଚୟନରେ ଓଡ଼ିଶାର ନୀଳଗିରିର ଏ ସନ୍ଥ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କୁ ମନ୍ତ୍ରୀପଦ ପ୍ରଦାନ କରି ସେ ତାଙ୍କର ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରକାରନ୍ତରେ ଏହି ବାର୍ତ୍ତା ଦେଇଛନ୍ତି। ଯେଉଁ ବ୍ୟକ୍ତି ଅନ୍ୟପାଇଁ ସମର୍ପିତ ସେ ଯେତେ ନିର୍ଦ୍ଧନ ହେଲେ ମଧ୍ୟ ସାଧାରଣ ଜନତା ତାଙ୍କୁ ସେମାନଙ୍କ ହୃଦୟରୁ ଆର୍ଶୀବାଦ ଦେବା ସହ ସେ ଈଶ୍ୱରଙ୍କର ଆଶିଷ ବଳୟରେ ସଦ୍ୟ ରହିଥାନ୍ତି। ପ୍ରତାପ ଷଡ଼ଙ୍ଗୀ ମୋହ ମାୟା ଠାରୁ ଅନେକ ଦୂରରେ ମାତ୍ର କର୍ତବ୍ୟରେ କେଭେ ଅବହେଳା କରନ୍ତିନି। ଯଦିଓ ଅବିବାହିତ ମାତ୍ର ଭଉଣୀ, ଭଣଜା, ଭାଣିଜି ପ୍ରତି କେବେ ଅବହେଳା କରିନାହାଁନ୍ତି। ସାଇକେଲ ଚଢି ସେ କେବଳ ଯେ ନିଜର ବିଧାନ ସଭା କ୍ଷେତ୍ରର କେବଳ ଯେ ଜନସାଧାରଣଙ୍କ କଥା ସେ ବୁଝନ୍ତି କହିବା ଭୂଲ୍। ସେ ମଧ୍ୟ ସମଗ୍ର ଓଡ଼ିଶାର ଯେଉଁବ୍ୟକ୍ତି ତାଙ୍କର ସାହାଯ୍ୟ ଲୋଡ଼ିଛି ସେ ଅକୁଣ୍ଠ ଚିତରେ ତାଙ୍କୁ ସାହାଯ୍ୟ କରିଥାନ୍ତି। ସରକାରୀ ଯୋଜନା ପ୍ରଦାନରେ ସେ କାହାରିଠୁ ଟଙ୍କାଟିଏ ଲାଂଚ ନେବାରେ କେହି କେଭେ ଅଭିଯୋଗ କରିନାହାଁନ୍ତି। ପିଲାଟି ଦିନରୁ ସାଧୁ ହେବାର ଅଭିଳାଷ ରଖି ସେ କଲିକତାର ବେଲୁର ମଠରେ ଅନେକ ସମୟ କଟାଇଛନ୍ତି। ମାତ୍ର ନିୟତିର ନିର୍ଦ୍ଦେଶ ଅନ୍ୟ ପ୍ରକାର ସେ ସନ୍ଥର ଅନ୍ୟତମ ଗୁଣ ଯାହା କି ଅନ୍ୟର ଉପକାରକୁ ଜୀବନରେ ଧ୍ୟେୟ କରିଛନ୍ତି। ଯେତେବେଳେ କବିମାନେ କହିଲେ ସନ୍ଥ ହୃଦୟ ନବନୀତ ସମାନ। "ସନ୍ଥର ହୃଦୟ ଲହୁଣୀ ଭଳି" ତୁଳସୀ ଦାସ କହିଲେ "କହେ କବିରା ମଗର କହେ ନ ଯାନା" କବିମାନେ କହିକି କହି ପାରିଲେନି କାରଣ "ନିଜ ପରିତାପ ଦ୍ରବଇ ନବନୀତା, ପର ଦୁଃଖ ଦ୍ରବଇ ସନ୍ଥ ସୁପୁନୀତା"। କାରଣ ଲହୁଣୀ ତ ନିଜକୁ ଗରମ ପାଇଲେ ତରଳି ଯାଏ ମାତ୍ର ପରମ ପବିତ୍ର ସନ୍ଥ ଅନ୍ୟର ଦଃଖରେ ଦ୍ରବିଭୂତ ହୋଇଯାଏ। ଏଭଳି ସନ୍ଥ ପ୍ରତିମ ପୁରୁଷ ହେଉଛନ୍ତି ପ୍ରତାପ ଷଡ଼ଙ୍ଗୀ। ମୋଦିଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ଏଭଳି ବ୍ୟକ୍ତିଙ୍କ ଠୁ କିଛି ଶିଖିବାର ଅଛି। ଆମେ ଗର୍ବିତ ମୋଦିଙ୍କର ଚୟନ ଓଡଶା ମାଟିର ଏପରି ସନ୍ଥଙ୍କୁ ନିଜର ମନ୍ତ୍ରୀ ମଣ୍ଡଳରେ ସାମିଲ କରି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିର ସ୍ୱପ୍ନକୁ ସାକାର କରିବା।

*ଭଗତ୍ ଲେନ୍, ମେନ୍ ରୋଡ଼, ଖୋର୍ଦ୍ଧା*

# ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସର ଚିନ୍ତନ

**ସଂଯୁକ୍ତା ମହାପାତ୍ର**

କଥାରେ ଅଛି ଯେମିତି ଭୋଜନ, ସେମିତି ଚିନ୍ତନ। ଅର୍ଥାତ୍ ସୁସ୍ଥ ଭୋଜନ ସୁସ୍ଥ ଚିନ୍ତନ ।ସୁସ୍ଥ ଭୋଜନ କହିଲେ ଆମେ ସାଧାରଣତ ବୁଝନ୍ତି ସୁଷମ ଖାଦ୍ୟ,ଯେଉଁଥିରେ ଆମ ଶରୀର ସୁସ୍ଥ ରହିବାପାଇଁ ଆବଶ୍ୟକ ହେଉଥିବା ସମସ୍ତ ଉପାଦାନମାନ ରହିଥାଏ ।ପ୍ରତ୍ୟେକଙ୍କର ଶରୀର ଆବଶ୍ୟକ କରୁଥିବା ଖାଦ୍ୟ ଗ୍ରହଣ କରିବା, ସେମାନଙ୍କର ଜନ୍ମଗତ ଅଧିକାର ଓ ମୌଳିକ ଆବଶ୍ୟକତା ମଧ୍ୟ। ଉପଯୁକ୍ତ ଖାଦ୍ୟ ଅଭାବରୁ ଶରୀରର ଉପଯୁକ୍ତ ଅଭିବୃଦ୍ଧି, କ୍ଷୟପୂରଣ ଓ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟିହୋଇପାରେ ନାହିଁ। ଶରୀରିକ ମାନସିକ ଅଭିବୃଦ୍ଧିରେ ବାଧା ସୃଷ୍ଟିହୁଏ। ଆମ ଶରୀରରେ ଖାଦ୍ୟର ଅଭାବ ଦୁଇ ପ୍ରକାରେ ଅନୁଭୁତ ହୁଏ। ପ୍ରଥମେ ଗୁଣାତ୍ମକ ଓ ଦ୍ୱିତୀୟରେ ପରିମାଣାତ୍ମକ। ପରିମାଣାତ୍ମକ ଖାଦ୍ୟର ଅଭାବକୁ ବ୍ୟକ୍ତି ଅନୁଭବ କରେ ଓ ପେଟପୁରା ଦୁଇମୁଠା ଖାଇବାକୁ ଯେତେବେଳେ ପାଇନଥାଏ। ଏହାକୁ ଦୂର କରିବାପାଇଁ ଯେକୌଣସି ପନ୍ଥା ଅବଲମ୍ବନ କରିପାରେ। ଏଣୁ କୁହାଯାଏ 'ବୁଭୁକ୍ଷୁ କିମ୍ ନକରୋତି ପାପଃ'। ଏହି ପ୍ରକାର ଖାଦ୍ୟର ଅଭାବ ସାଧାରଣତ ଦରିଦ୍ର ରାଷ୍ଟ୍ରରେ ଦେଖାଯାଏ। କିନ୍ତୁ ପରିମାଣତ୍ମକ ଖାଦ୍ୟର ଅଭାବ ଭଳି ଗୁଣାତ୍ମକ ଖାଦ୍ୟର ଅଭାବ ବ୍ୟକ୍ତି ଉପଲବ୍ଧ କରି ନପାରିଲେ ମଧ୍ୟ ଏହର ଅଭାବରେ ଶରୀରର ବହୁତ କ୍ଷତିସାଧନ ହୋଇଥାଏ।. ଏହି ପ୍ରକାର ଅଭାବ ବର୍ତ୍ତମାନର ବିକାଶୋନ୍ମୁଖି ଦେଶରେ ଅଧିକମାତ୍ରାରେ ଦେଖାଯାଉଛି। ଯାହାକୁ ଆମେ 'ଲୁକାୟିତ କ୍ଷୁଧା' କହିପାରନ୍ତି। ଏହି ଅବସ୍ଥାରେ ବ୍ୟକ୍ତି ପ୍ରତ୍ୟେକ୍ଷଭାବେ ଖାଦ୍ୟର ଅଭାବକୁ ଅନୁଭବ କରିପାରେ ନାହିଁ। କିନ୍ତୁ ଖାଦ୍ୟରେ ଭିଟାମିନ , ପ୍ରୋଟିନ, ଆଇରନ, କ୍ୟାଲସିୟମ ଉପଯୁକ୍ତ ପରିମାଣରେ ନଥିବାରୁ ଗୁଣାତ୍ମକ ଦୃଷ୍ଟିରୁ ଏହା ଅଭାବ ସୃଷ୍ଟିକରେ। ଏହାର ଅଭାବରେ ଆମ ଶରୀରରେ ଅନେକ ପ୍ରକାର ରୋଗ ସୃଷ୍ଟିହୁଏ। ପ୍ରଥମେ ଶିଶୁ ଅପପୃଷ୍ଟିର ଶିକାର ହୋଇଥାଏ। ତାର ଶାରୀରିକ ମାନଶିକ ବିକାଶ ବାଧାପାଇଥାଏ। ତେଣୁ ଶରୀରିକ ଓ ମାନସିକ ବିକଳାଙ୍ଗ ମାନବ ସୃଷ୍ଟିହୁଅନ୍ତି। ଗୁଣାତ୍ମକ ଖାଦ୍ୟର ଅଭାବରୁ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ଅଧିକ କାର୍ବୋହାଡ୍ରେଡ ଖାଇ ପେଟ ପୁରାଉଥିବାରୁ ବିକାଶୋନ୍ମୁଖି ଦେଶ ମାନଙ୍କରେ ଅଧିକ ମେଦବହୁଳ ରୋଗି ଦେଖାଯାଅନ୍ତି। ଏପରି କ୍ଷେତ୍ରରେ ପୃଷ୍ଟି ହିନଜନିତ ଖାଦ୍ୟ ସମସ୍ୟା ଦେଖାଯାଏ । ମେଦବହୁଳତା ହେତୁ ଡାଇବେଟିଜ୍, ଉଚ୍ଚରକ୍ତଚାପ, ହୃଦରୋଗ, କ୍ଷୟରୋଗ ଆଦି ରୋଗ ଅଧିକ ଦେଖାଯାଏ ।ଫଳରେ ଅକାଳ ମୃତ୍ୟୁ ହୋଇଥାଏ।

ଉପରୋକ୍ତ ସମସ୍ୟାକୁ ଦୂରକରିବା ନିମନ୍ତେ ଖାଦ୍ୟ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ। ସମଗ୍ର ଜନ ସମୁଦାୟଙ୍କର ଖାଦ୍ୟାଭାବ ଜନିତ ସମସ୍ୟା ଦୂରିକରଣ ନିମନ୍ତେ ଜୁନ ୭ ତାରିଖକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯିବା ଅତ୍ୟନ୍ତ ସୁଖର କଥା। ଏହା ଫଳରେ ପ୍ରଦୂଷିତ ଖାଦ୍ୟ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି । ଖାଦ୍ୟ ବିଷାକ୍ତ ହେଉଥିବା ପ୍ରକ୍ରିୟା ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି। ଖାଦ୍ୟ ସୁରକ୍ଷା ହେଉଛି ବ୍ୟକ୍ତିତ୍ୱ ପୂର୍ଣ୍ଣାଙ୍ଗ ପ୍ରଗତିର ପରିଚାୟକ। ଏହା ଉପଲବ୍ଧ କରି ଜାତିସଂଘର ସାଧାରଣ ବୈଠକରେ ୨୦୧୮ ମସିହା ଡିସେମ୍ବର ମାସ ରେ ଜୁନ ୭ ତାରିଖକୁ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରିବା ନିମନ୍ତେ ସ୍ଥିର କରାଯାଇଅଛି। ଏହି ଦିବସ ପାଳନର ଲକ୍ଷ୍ୟ ହେଲା ଖାଦ୍ୟ ସୁରକ୍ଷା ବିନା ଖାଦ୍ୟ ନିଶ୍ଚିତତା କରାଯାଇ ପାରିବ ନାହିଁ ।କ୍ଷୁଧାର ସମାପ୍ତି ଅର୍ଥ ସବୁ ଦେଶର ସମସ୍ତ ଲୋକଙ୍କୁ ସୁରକ୍ଷିତ , ସୁଷମ ଓ ଯଥେଷ୍ଟ ଖାଦ୍ୟ ଉପଲବ୍ଧ କରାଇବା। ଖାଦ୍ୟ ସୁରକ୍ଷା କରାଯିବା ଅର୍ଥ ସମସ୍ତଙ୍କୁ ଉପଯୁକ୍ତ ଖାଦ୍ୟସାର ଯୁକ୍ତ ସୁଷମ ଖାଦ୍ୟ ଯୋଗେଇବା ସହିତ ଖାଦ୍ୟାଭାବ ଜନିତ ସମସ୍ୟାଦୂରିକରଣ ସଙ୍ଗେସଙ୍ଗେ ରୋଗମୁକ୍ତ ବିଶ୍ୱ ଘଠନ ସମ୍ଭବ କରିପାରିବା। ଏଥିପାଇଁ ଦେଶଗୁଡିକ ସେମାନଙ୍କର ନିୟନ୍ତ୍ରିତ ବୈଜ୍ଞାନିକ ଉପାୟରେ ବୈଷୟିକ ଜ୍ଞାନଦ୍ୱାରା ଖାଦ୍ୟର ଗୁଣାତ୍ମକ ଓ ପରିମାଣତ୍ମକ ସୁରକ୍ଷାପାଇଁ କାର୍ଯ୍ୟକାରିବା ଆବଶ୍ୟକ। ଏହାଛଡା ଖାଦ୍ୟ ସୃଙ୍ଖଳ ମଧ୍ୟ ରକ୍ଷା ହେବା ଆବଶ୍ୟକ ଅଟେ। ଖାଦ୍ୟ ଉତ୍ପାଦନ ଠାରୁ ଉପଭୋଗ ଯାଏ ସୁରକ୍ଷିତ ହେବା ଏକାନ୍ତ ଆବାଶ୍ୟକ। ଏହି କାର୍ଯ୍ୟ ନିମନ୍ତେ ସରକାର , ଖାଦ୍ୟ ଉତ୍ପାଦନ କାରଖାନ, ଉତ୍ପାଦକ ଓ ଉପଭୋକ୍ତା ମଧ୍ୟରେ ଖାଦ୍ୟ ସୁରକ୍ଷାର ଦାୟିତ୍ୱ ବଣ୍ଟନ ହେବା ଆବଶ୍ୟକ ।

ଖାନ୍ୟ ସୁରକ୍ଷା ଦିବସ ପାଳନର ଲକ୍ଷ୍ୟ ହେଲା ସାଧାରଣ ଲୋକଙ୍କୁ ସଚେତନ କରାଇବା, ରାଜନୈତିକ ଇଚ୍ଛାଶକ୍ତିକୁ କାର୍ଯ୍ୟକାରି କରାଇବା ଓ ବିଶ୍ୱରେ ଉପଲବ୍ଧ ପୁଂଜିର ଉପଯୁକ୍ତ ବିନିଯୋଗ କରିବା, ଖାଦ୍ୟ ସୁରକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରି ସମଗ୍ର ମାନବ ସମାଜର ମଙ୍ଗଳ ସାଧନ କରାଇବା ।ଅର୍ଥାତ କ୍ଷୁଧାମୁକ୍ତ ବିଶ୍ୱ ଗଠନ କରିବାରେ ସହାୟକ ହେବା।

*ଯାଜପୁର*



# କଥା ରଖିଲେ ବିଧାୟକ, ଡ୍ରେନ ପାଣିରେ ବୁଲିଲେ ମୁସଲମାନ ବସ୍ତି

ପଟ୍ଟାମୁଣ୍ଡାଇ,୬।୬(ନିପ୍ର): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମାନ୍ୟତା ପାଇବାର ୩୧ ବର୍ଷ ବିତିଯାଇଛି । ମାତ୍ର ସହର ପାଇଁ ଉପଯୁକ୍ତ ମାଷ୍ଟର ପ୍ଲାନ ଅଭାବରୁ ଅସରାଏ ବର୍ଷା ହେଲେ ସମଗ୍ର ଅଞ୍ଚଳ ଉବୁଟୁବୁ ହେଉଛି । ପଟ୍ଟାମୁଣ୍ଡାଇ ସହର ଓ ସବଡିଭିଜନ ହସ୍ପିଟାଲ ପରିସରରେ ବର୍ଷାଜଳ ସୁଅ ଛୁଟୁଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ନଂ. ୱାର୍ଡ ମୁସଲମାନ ବସ୍ତିରେ ଥିବା ସମସ୍ତ ଡ୍ରେନ ପୋତି ହୋଇପଡିବା ସହିତ ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇପଡିଛି । ସାମାନ୍ୟ ବର୍ଷା ହେଲେ ସମଗ୍ର ମୁସଲମାନ ବସ୍ତିରେ ଡ୍ରେନପାଣି ଲହଡି ଭାଙ୍ଗୁଛି । ଗତକାଲି ଇଦ ପର୍ବ ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁସଲମାନ ବସ୍ତିକୁ ଶୁଭେଚ୍ଛା ଜଣାଇବା ପାଇଁ ଯାଇଥିବା ବେଳେ ବସ୍ତିର ଶୋଚନୀୟ ଅବସ୍ଥା ଓ ଡ୍ରେନପାଣିରେ



ଯାତାୟତ କରି ଅତିଷ୍ଠ ହୋଇପଡିଥିବା ମୁସଲମାନ ଭାଇ ଓ ଭଉଣୀମାନଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ । ଆସନ୍ତାକାଲି ଏଦିଗରେ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜି ବିଧାୟକ ଶ୍ରୀସାହୁ ତାଙ୍କ ପ୍ରତିଶ୍ରୁତିକୁ ରକ୍ଷା କରି ମୁସଲମାନ ବସ୍ତି ପରିଦର୍ଶନ କରିଥିଲେ । ବିଧାୟକଙ୍କ ସହିତ ପୂର୍ବତନ ପୌରାଧକ୍ଷ ବୈଜୟନ୍ତୀମାଳା ଲେଙ୍କା ଓ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ସାଧାରଣ ସଂପାଦିକା ରିଜୁଓ୍ୱାନା ବେଗମ, ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ, ନଗର ଯୁବିଜେଡି ସଭାପତି ମିଟୁ ମନୋଜ ନାୟକ, ଯୁବନେତା ପ୍ରଦ୍ୟୁମ୍ନ ସାମନ୍ତରାୟ, ବୁଢା ଲେଙ୍କା, ପ୍ରାକ୍ତନ କାଉନସିଲର ମଳୟ ମଳିକ, ସଂଖ୍ୟାଲଘୁ ସେଲ ସଂଗଠକ ସେକ ଅବଦୁଲ ହଲିମ, ସେକ ବକ୍କର ଅଲ୍ଲୀ, ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, କନିଷ୍ଠଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ପରିମଳ ନୀରିକ୍ଷକ ପ୍ରଫୁଲ୍ଲ ଦାଶ ପ୍ରମୁଖ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଡ୍ରେନପାଣିରେ ଉବୁଟୁବୁ ହେଉଥିବା ମୁସଲମାନ ବସ୍ତିର ଗଳିକନ୍ଦି ପରିଦର୍ଶନ କରି ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହିତ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଶଦ ଆଲୋଚନା କରିଥିଲେ । ଏଇ ଅବସରରେ ବିଧାୟକ ଶ୍ରୀସାହୁ ମୁସଲମାନ ବସ୍ତିରୁ ଅବିଳମ୍ବେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ସରକାରୀ ମଞ୍ଜୁରୀ ପାଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ପ୍ରଶାସନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଥା ଦେଇ ବିଧାୟକ କଥା ରଖିଥିବାରୁ ମୁସଲମାନ ବସ୍ତିର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି ।

# କେନ୍ଦ୍ରାପଡାରେ ଆନନ୍ଦ ଉଲ୍ଲାସରେ ଇଦ୍-ଉଲ୍-ଫିତର ପାଳିତ

କେନ୍ଦ୍ରାପଡା,୬।୬(ନିପ୍ର): କେନ୍ଦ୍ରାପଡା ସହର ଓ ଆଖପାଖ ଗ୍ରାମାଚଂଳରେ ମୁସଲମାନ ସଂପ୍ରଦାୟର ପବିତ୍ର ଇଦ-ଉଲ-ଫିତର ପର୍ବ ଶାନ୍ତିଶୃଙ୍ଖଳାର ସହିତ ଆଜି ପାଳିତ ହୋଇଯାଇଛି । ମୁସଲମାନ ଭାଇମାନଙ୍କ ପବିତ୍ର ରମଜାନ ମାସର ଶେଷ ଦିବସ ପରଦିନ ଏହି ଇଦ-ଉଲ-ଫିତର ପାଳନ ଅବସରରେ ସକାଳୁ ସହରର ବିଭିନ୍ନ ଇଦଘା ଓ ମସଜିଦରେ ଅନୁଷ୍ଠିତ ସାମୁହିକ ନମାଜ ପାଠ କରାଯିବା ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ସକାଳ ୮ଟା ସମୟରେ ଫକିରାବାଦ ମସଜିଦ,ପୁରୁଣା ଇଦଘା ପଡିଆ,ନୂଆ ଇଦଘା ପଡିଆ,ଅଲସଲଫିଆ ଟ୍ରଷ୍ଟ ମସଜିଦ,ରସୁଲାବାଦ ମସଜିଦ,ଗରାପୁର ସୁନି ମସଜିଦ, ରଣପଡା ମସଜିଦ ପ୍ରଭୃତିରେ ମୁସଲମାନ ଭାଇମାନେ ସାମୁହିକ ନମାଜ ପାଠ କରିଥିଲେ । ଏହି ଉପଲକ୍ଷେ ଆଜି ସହରର ପୁରୁଣା ବସଷ୍ଟାଣ୍ଡରେ ଉଭୟ ମୁସଲମାନ ଓ ହିନ୍ଦୁ ସଂପ୍ରଦାୟର ଲୋକମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା,ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ,ବିଜେଡି ଲିଗାଲ ସେଲର



ଆଇନଜୀବି ସଞ୍ଜୟ କୁମାର ଜେନା, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ସେକ ଗୋଫ୍ରାନ, ମୀର ମହମ୍ମଦ ଅମୀର, ସାବୀର ଖାନ, ସେକ ରହେମତ, ମହମ୍ମଦ ନିୟାଜ(ମତ୍ତୁ), ରଞ୍ଜିତ ସାହୁ,ହିରଣ୍ୟ ପଣ୍ଡା,ପ୍ରଦୀପ୍ତ ମହାନ୍ତି, ଦେବଦାସ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ଆଲୋକ ସାହୁ, ଶିବପ୍ରସାଦ ଭଳ, ରାଜେଶ ପଣ୍ଡା, ସ୍ନେହପ୍ରଭା ତ୍ରିପାଠୀ, ରୋହିତ ମହାନ୍ତି, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ସାଧାରଣ ସମ୍ପାଦକ ସେକ ଅବଦୁଲ୍ଲା, ମହମ୍ମଦ ଆକବର ଅଲ୍ଲୀ, ସୟଦ ଅବଦୁଲ ସତ୍ତାର ପ୍ରମୁଖ ଯୋଗଦେଇ ପରସ୍ପରକୁ ପବିତ୍ର ଇଦର ଶୁଭେଚ୍ଛା ଜଣାଇଥିଲେ ।

## ବଜ୍ରପାତରେ ୩ ଆହତ

**ଢେଙ୍କାନାଳ,୬।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡରେ କାଳବୈଶାଖୀ ସୃଷ୍ଟି ହୋଇ ସନ୍ଧ୍ୟା ବେଳେ ଝଡ ତୋଫାନ ସହ ବର୍ଷା ଏବଂ ବଜ୍ରପାତ ଘଟିଥିବା ବେଳେ ବଜ୍ରପାତରେ ୩ ଜଣ ାହତ ହୋଇ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତେନ୍ତୁଲିସିଙ୍ଗା ଗ୍ରାମର ସୌଦାମିନୀ ନାୟକ (୩୦) ସନ୍ଧ୍ୟା ସମୟରେ ନିଜ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହେବାରୁ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପରିବାର ସଦସ୍ୟମାନେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ । ସେହିଭଳି ମହୁଲପାଳ ଗ୍ରାମର ନୃପତି ବେହେରା (୨୫) ଏବଂ ଶୁକଦେବ ଦେହୁରୀ (୩୦) ଅନୁରୂପ ଭାବେ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ଆଘାତରେ ଉଭୟେ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ ।

# ଗୁଗୁଲ୍ ମ୍ୟାପ୍ ଭ୍ରମଣକାରୀମାନଙ୍କ ପାଇଁ ତିନୋଟି ପବ୍ଲିକ୍ ଟ୍ରାନ୍ସପୋର୍ଟ ଫିଚର ଲଞ୍ଚ୍ କରିବ

ଭୁବନେଶ୍ୱର,୬।୬(ନିପ୍ର): ପବ୍ଲିକ୍ ଟ୍ରାନ୍ସପୋର୍ଟ ହେଉଛି ଭାରତୀୟମାନଙ୍କର ଜୀବନରେଖା । ସେମାନଙ୍କର ଏହି ଯାତ୍ରାକୁ ଅଧିକ ସରଳୀକରଣ ଓ ସୁବିଧାଜନକ କରିବା ନିମନ୍ତେ ଗୁଗୁଲ ମ୍ୟାପ ତିନୋଟି ପବ୍ଲିକ୍ ଟ୍ରାନ୍ସପୋର୍ଟ ଫିଚର ଲଂଚ କରିବା ବିଷୟ ଘେଷଣା କରିଛି । ଆଜିଠାରୁ ଦେଶର ୧୦ଟି ବଡ ସହରରେ ଗୁଗୁଲ ମ୍ୟାପ ବ୍ୟବହାରକାରୀ ଲାଇଭ ଟ୍ରାଫିକରୁ ବସ୍‌ର ଟ୍ରାଭେଲ ଟାଇମ୍, ଇଣ୍ଡିଆନ୍ ରେଲୱେ ଷ୍ଟେସନ୍‌ରୁ ଲାଇଭ ଟ୍ରେନ୍ ଷ୍ଟାଟସ୍ ଏବଂ ମିକ୍ସ ମୋଡ କମ୍ୟୁଟ୍ ସଜେସନ୍‌ରେ ଅଟୋରିକ୍ସା ଏବଂ ପବ୍ଲିକ୍ ଟ୍ରାନ୍ସପୋର୍ଟ ସମ୍ବନ୍ଧରେ ତଥ୍ୟ ଜାଣିପାରିବେ । ଏହି ବିଷୟ ଘୋଷଣା କରି ଗୁଗୁଲମ୍ୟାପର ପ୍ରଡକ୍ଟ ମ୍ୟାନେଜର ତେିଲା ହତ୍‌ବାଲ୍‌ହା କହିଲେ, କୋଟି କୋଟି ଭ୍ରମଣକାରୀ ଯେଉଁଠାରେ ଥାନ୍ତୁ ନା କାହିଁକି ଦିଗ ଜାଣିବା ପାଇଁ ଓ ବିଶ୍ୱର ବିଭିନ୍ନ ଜାଗାର ସନ୍ଧାନ ପାଇଁ ଗୁଗୁଲ ମ୍ୟାପକୁ ବ୍ୟବହାର କରୁଛନ୍ତି । ତେଣୁ ଗୁଗୁଲ ମ୍ୟାପସ୍ ଏହି ଫିଚର ମାଧ୍ୟମରେ ସବୁ ସମୟରେ ସେମାନଙ୍କୁ ସଠିକ ଭରସାଯୋଗ୍ୟ ତଥ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟାରତ । ଟ୍ରାନ୍‌ଜିଟ୍ ନେଭିଗେସନ୍ ହେଉଛି ଭାରତର ସର୍ବାଧିକ ଲୋକପ୍ରିୟ ମ୍ୟାପ୍ ଫିଚର ଏବଂ ଆମେ ଫିଚର ମାଧ୍ୟମରେ ଲୋକମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଅଛୁ ।

# ତିହିଡ଼ି ବଜାର ଜଳ ନିଷ୍କାସନ ନାଳରେ ଜମା ହେଉଛି ଅଳିଆ ଆବର୍ଜନା

ତିହିଡ଼ି,୬।୬(ନି.ପ୍ର): ତିହିଡ଼ି ବଜାର ଭଦ୍ରକ-ଚାନ୍ଦବାଲି ରାଜ୍ୟରାଜପଥ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ପାଇଁ ଅଗଭୀର ନାଳ ତିଆରି ହୋଇଛି । ତେବେ ଏହା ଏପରି ଭାବରେ ତିଆରି ହୋଇଛି ଯେ, ଜଳ ନିଷ୍କାସନ ହୋଇପାରୁନାହିଁ । ଅପରପକ୍ଷରେ ଏହି ନାଳରେ ଜଳ ଜମି ରହିବା ସହ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି । ତିହିଡ଼ି ବଜାରରେ ଉଠାଦୋକାନୀ ଗୁଡ଼ିକ ଏହି ନାଳରେ ବିଭିନ୍ନ ବର୍ଯ୍ୟବସ୍ତୁ ପକାଉଛନ୍ତି । ପାଣିରେ ବର୍ଯ୍ୟବସ୍ତୁ ପଡ଼ରହିବା ଫଳରେ ଏହା ପଚି ଦୁର୍ଗନ୍ଧ ସୃଷ୍ଟି ହେଉଛି । ଏଥିପ୍ରତି କାହାରି ଦୃଷ୍ଟି ମଧ୍ୟ ନାହିଁ । କିଛି ବର୍ଷ ତଳେ ଧାମରା ବନ୍ଦର ତରଫରୁ ୩୦ ଗୋଟି ଡଷ୍ଟବିନ ବଜାରର



ବିଭିନ୍ନ ସ୍ଥାନରେ ରଖାଯାଇଥିଲା । ତାହା ସଂପ୍ରତି କିଛି ବ୍ୟବସାୟୀଙ୍କର ନିଜସ୍ୱ ସମ୍ପତ୍ତି ପାଲଟିଛି । ପାଣି ଗଡ଼ିବା ପାଇଁ ତିଆରି ନାଳ ସଂପ୍ରତି ନର୍ଦ୍ଦମାରେ ପରିଣତ ହୋଇଛି । ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ତରଫରୁ ଏହି ନାଳକୁ ସଫା କରାଯାଉଛି । ଯୁବକମାନେ ସେବା ମୂଳକ ମନୋଭାବ ନେଇ ଏହି ଆବର୍ଜନାକୁ ସଫା କରୁଥିବା ବେଳେ ଏହାର ସୁବିଧା ନେଉଛନ୍ତି ଅପରିଷ୍କାର କରୁଥିବା ବ୍ୟବସାୟୀମାନେ । ସଚେତନ ହେବା ପରିବର୍ତ୍ତେ ଅଧିକ ଅପରିଷ୍କାର କରିବାରେ ଲାଗିଛନ୍ତି । ଜୀବନଜ୍ୟୋତି ସଂଗଠନର ସମ୍ପାଦକ ଧୀରେନ୍ଦ୍ର ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟମାନେ ଆଜି ଅକ୍ଲାନ୍ତ ପରିଶ୍ରମ କରି ବଜାରର ଏହି ନାଳକୁ ସଫା କରିବା ସହ ହାତରୁ ପଇସା ଖର୍ଚ୍ଚ କରି ଟ୍ରାକ୍ଟରରେ ଆବର୍ଜନା ସବୁକୁ ସ୍ଥାନାନ୍ତର କରିଛନ୍ତି । ସଂଗଠନର ସଭାପତି ସନାତନ ସାହୁ ମଧ୍ୟ ଏହିକାର୍ଯ୍ୟ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଅପରପକ୍ଷରେ ତିହିଡ଼ି ବଜାରକୁ ସ୍ୱଚ୍ଛ ରଖିବା ପାଇଁ ମଝିରେ ମଝିରେ ଅନୁଷ୍ଠାନ ଗୁଡ଼ିକ ଅଳିଆ ଆବର୍ଜନା ସଫା କରିବା ବାସ୍ତବ ସମାଧାନ ନୁହେଁ । ସଫା କରିବା ଅପେକ୍ଷା ସଚେତନତା ଉପରେ ସଂଗଠନ ଗୁଡ଼ିକ ଗୁରୁତ୍ୱାରୋପ କଲେ ଅଧିକ ସୁଫଳ ମିଳିପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

# ଢେଙ୍କାନାଳରେ ବିଶ୍ୱ ପରିବେଶ ଦିବସ ପାଳିତ

**ଢେଙ୍କାନାଳ,୬।୬(ନି.ପ୍ର):** ଢେଙ୍କାନାଳ ସଦର ମହକୁମା ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ କରା ଯାଇଥିଲା । ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୂଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣ ଯୋଗଦେଇ ଯେ କୌଣସି ଚାରାରୋପଣ କାର୍ଯ୍ୟକ୍ରମ ଏକ କ୍ଷୁଦ୍ର କାର୍ଯ୍ୟକ୍ରମ ହୋଇପାରେ, ମାତ୍ର ଏହାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ । ବିଶେଷ କରି ଏହି ଚାରାରୋପଣ ସମ୍ପର୍କରେ ଭାବିବା ପାଇଁ ପ୍ରଳୟଙ୍କାରୀ ବାତ୍ୟା ଫନି ଆମକୁ ବାଧ କରିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରି ଚଳିତ ବର୍ଷ ଯୋଜନାବଦ୍ଧ ଭାବେ ଚାରାରୋପଣ କରାଯିବ ବୋଲି ସୂଚନା ଦେଇଥିଲେ । ସେହିଭଳି ବିଭିନ୍ନ ବିଦ୍ୟାଳୟ ଏବଂ ରାସ୍ତା ପାର୍ଶ୍ୱରେ ସବୁଜିମା ବଳୟ ସୃଷ୍ଟି କରିବା ପାଇଁ ପ୍ରାଥମିକତା ଦିଆଯିବ ବୋଲି ସୂଚନା ଦେଇ ବ୍ୟାପକ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଦିବସ ପାଳନରେ ବନଖଣ୍ଡ ଅଧିକାରୀ ଶ୍ରୀ ପାତ୍ର ଅଧକ୍ଷତା କରି ବାୟୁମଣ୍ଡଳ କ୍ରମଶଃ ଉତପ୍ତ ହେଉଥିବାରୁ ବାୟୁମଣ୍ଡଳକୁ ଶୀତଳିକରଣ କରିବା ଏବଂ ପ୍ରଦୂଷଣ ରୋକିବାର ସହଜ ତଥା ସରଳ ଉପାୟ ପାଇଁ ଚାରାରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଏପରିକି ଏ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ କରାଯାଇ ପାରିଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ପାତ୍ର କହିଥିଲେ । ଦିବସ ପାଳନରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା ଯୋଗଦେଇ ବୃକ୍ଷ ହିଁ ଜୀବନ ଏବଂ ବିନା ବୃକ୍ଷଲତାରେ ମାନବ ଜୀବନ ତିଷ୍ଠିବା ଅସମ୍ଭବ ବୋଲି ମତବ୍ୟକ୍ତ କରି ବିଶ୍ୱ ଦିବସ ପାଳନ ଉପଲକ୍ଷେ ବିପୁଳ ପରିମାଣରେ ଚାରାରୋପଣ କରିବା ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିବେଶ କ୍ଲବ ସମୂହର ମାଷ୍ଟର ଟ୍ରେନର ପ୍ରଦ୍ୟୁମ୍ନ ପ୍ରସାଦ ରଥ ଯୋଗଦେଇ ଉଦ୍ଭିଦ ହେଉଛି ପରିବେଶର ସୁରକ୍ଷା କବଚ ତେଣୁ ପ୍ରଦୂଷଣ ମୁକ୍ତ ବାୟୁମଣ୍ଡଳ ପାଇଁ ବ୍ୟାପକ ଚାରାରୋପଣ ଜରୁରୀ ବୋଲି କହିଥିବା ବେଳେ ଅନ୍ୟତମ ମାଷ୍ଟର ଟ୍ରେନର ସ୍ୱପ୍ନାଶ୍ରୀ ଷଡଙ୍ଗୀ ଯୋଗଦେଇ ଯାନବାହାନରୁ ନିର୍ଗତ ବିଷାକ୍ତ ଧୂଆଁ ଏହି ପ୍ରଦୂଷଣ ବଢାଉଥିବା ଏବଂ ଏହା ଶ୍ୱାସଜନିତ ରୋଗର ପ୍ରମୂଖ କାରଣ ବୋଲି ମତବ୍ୟକ୍ତ କରି ଏହାକୁ ରୋକିବାକୁ ହେଲେ ଜିଲ୍ଲାରେ ସବୁଜ ବନାନୀ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ । ଏହି ଦିବସ ପାଳନ ଅବସରରେ ଚାରାରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଲଗ୍ନଜିତ୍ ଦାସ ଉତ୍ସାହିତ କରିଥିବା ବେଳେ ଜିଲ୍ଲାର ୩ ଜଣ ପ୍ରକୃତି ବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଶେଷରେ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଦିବସ ପାଳନ ଅବସରରେ କାର୍ଯ୍ୟକ୍ରମ ଶେଷରେ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ଆଜିବି ଗାନ୍ଧିବାଦ ସମଗ୍ର ବିଶ୍ୱବାସୀଙ୍କୁ ଏକତା ମନ୍ତ୍ରରେ ବାନ୍ଧିରଖିଛି'

ଭଦ୍ରକ,୬।୬(ନିପ୍ର): ଭଦ୍ରକର ବହୁ ପୁରାତନ ଐତିହ୍ୟପୂର୍ଣ୍ଣ ଅନୁଷ୍ଠାନ ମହାତ୍ମାଗାନ୍ଧୀ ବିଚାରମଂଚ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଭଦ୍ରକ ଶାଖାର ମିଳିତ ଉଦ୍ୟମରେ ମହାତ୍ମାଗାନ୍ଧୀଙ୍କ ଐତିହାସିକ ପଦଯାତ୍ରାର ୮୫ତମ ସ୍ମାରକୀ ସଭା ସ୍ଥାନୀୟ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନରେ ଆୟୋଜିତ ହେବା ଅବସରରେ ଆଜିବି ଗାନ୍ଧିବାଦ ସମଗ୍ର ବିଶ୍ୱବାସୀଙ୍କୁ ଏକତା ମନ୍ତ୍ରରେ ବାନ୍ଧିରଖିଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି । ସକାଳେ ବିଚାର ମଂଚ ପକ୍ଷରୁ ବିଶିଷ୍ଟ ସମାଜସେବୀ ଅଜୟ ନାୟକ, ଆଇନ୍‌ଜୀବୀ ତୁଷାରକାନ୍ତି ମହାନ୍ତି, ହରମୋହନ କୁଅଁର, ଡ. ମନୀନ୍ଦ୍ର ମହାନ୍ତି, ଇଂ ବିମ୍ବାଧର ବ୍ରହ୍ମ, ସାମ୍ବାଦିକ ପ୍ରମୋଦ ରାୟ, ଅଜିତ୍ ନାୟକ, ବୈଲୋଚନ ବେହୁରିଆ, କରୁଣାକର ଉପାଧ୍ୟାୟ ପ୍ରମୁଖ ଐତିହାସିକ ଗାନ୍ଧିପଡିଆ ଠାରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନିତ୍ୟାନନ୍ଦ ଭବନରେ ପ୍ରଫେସର ଡ. ଝରଣା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀମାନେ ମହାତ୍ମା ଗାନ୍ଧିଙ୍କ ପ୍ରିୟ ଭଜନ ଗାନ କରିଥିଲେ । ଏହାପରେ ମଂଚ ପକ୍ଷରୁ ସମାଜସେବୀ ସୁଧାକର ରାଉତ ପ୍ରାରମ୍ଭିକ ସୂଚନା ଦେଇ ଗାନ୍ଧିଜୀଙ୍କ ଭଦ୍ରକ ଆଗମନ ଓ ସ୍ମାରକୀ ହରିଜନ ପଦଯାତ୍ରା ସଂପର୍କରେ ସମ୍ୟକ୍ ସୂଚନା ଦେଇଥିଲେ । ଏହି ସଭାରେ



ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ପ୍ରଫେସର ରାଜକିଶୋର ସାହୁ ବରେଣ ଅତିଥି ଭାବେ ଯୋଗଦେଇ ଗାନ୍ଧି ଦର୍ଶନର ପ୍ରାୟୋଗିକ ଦିଗ ସଂପର୍କରେ ଆଲୋଚନା କରି ଗାନ୍ଧି ଚେତନାର ପ୍ରସାର ଉପରେ ବକ୍ତବ୍ୟ ରଖିଥିଲେ ।

## ମୁସଲମାନ ଭାଇ ଭଉଣୀମାନଙ୍କୁ ବିଧାୟକ ଜଣାଇଲେ ଇଦ୍ ମୁବାରକ



ବାଲେଶ୍ୱର,୬।୬(ନି.ପ୍ର): ବାଲେଶ୍ୱର ସଦରର ନବ ନିର୍ବାଚିତ ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ) ପବିତ୍ର ଇଦ୍ ଉପଲକ୍ଷେ ବାଲେଶ୍ୱରର ସମସ୍ତ ମୁସଲିମ ଭାଇ ଭଉଣୀ ଏବଂ ଗୁରୁଜନ ମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଛନ୍ତି । ଭାଇଚାରାର ପର୍ବ ଇଦ୍ ସମସ୍ତଙ୍କ ପାଇଁ ଶୁଖଦାୟକ ହେଉ ଏହି ପର୍ବ ହସ ଉଲ୍ଲାସରେ କଟୁ ବୋଲି ଶ୍ରୀ ଦତ୍ତ କାମନା କରିଥିଲେ । ଦୀର୍ଘ ଏକ ମାସ ଉପାସ ରହିଲା ପରେ ପବିତ୍ର ଇଦ୍ ପର୍ବ ଆସିଥାଇ ତେଣୁ ଏହାକୁ ଭାଇଚାରାର ସହ ସମସ୍ତେ ପାଳିବା ସହିତ ପରସ୍ପର କାନ୍ଧରେ କାନ୍ଧ ମିଶାଇ ଇଦ୍ ମୁବାରକ କହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥାନ୍ତି । ଏହି ପରିପେକ୍ଷିରେ ଆଜି ଅନେକେ ମୁସଲମାନ ଭାଇଙ୍କ ନିମନ୍ତ୍ରଣ ପାଇ ବିଭିନ୍ନ ସ୍ଥାନରେ ଇଦ୍ ପାର୍ଟିରେ ବିଧାୟକ ଯୋଗଦାନ କରି ଶାନ୍ତି ଓ ଏକାତାର ସୂତରେ ସମସ୍ତେ ବାନ୍ଧି ହେବା ପାଇଁ ଆହ୍ୱାନ ଦେଇଥିଲେ । ନୂତନ ଭାବେ ବିଧାୟକ ନିର୍ବାଚିତ ହୋଇଥିବାରୁ ଅନେକ ସ୍ଥାନରେ ଶ୍ରୀ ଦତ୍ତ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଡାକ ବିଭାଗର ଅବହେଳା : ବନ୍ଦ ହେବାକୁ ବସିଲାଣି ଭଞ୍ଜପୁର ଉପ ଡାକଘର

**ବାରିପଦା,୬/୬(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ଠାରେ କାର୍ଯ୍ୟକରୁଥିବା ମୁଖ୍ୟ ଡାକଘର, ଭଞ୍ଜପୁର ଉପଡାକଘର ସହିତ ଅନ୍ୟ କେତେ ଗୁଡିଏ ଡାକଘରେ ଆଧାର ପଞ୍ଜିକରଣ କେନ୍ଦ୍ର କାର୍ଯ୍ୟକାରୀ ହେଉଥିବାର କୁହାଯାଉଥିବା ବେଳେ ପ୍ରକୃତରେ ବର୍ତମାନ ଗୋଟିଏ ହେଲେ ଡାକଘରେ ଅଧାର ପଞ୍ଜିକରଣ କେନ୍ଦ୍ର କାର୍ଯ୍ୟକରୁନଥିବାର ଦେଖିବାକୁ ମିଳୁଛି । ପ୍ରଥମେ ବାରିପଦାର ମୁଖ୍ୟ ଡାକଘରେ ଚାରି ଛଅ ଦିନ ଏହି ପଞ୍ଜିକରଣ କେନ୍ଦ୍ର କାର୍ଯ୍ୟକରିବାର ଦେଖିବାକୁ ମିଳିଥିଲା । ବର୍ତମାନ ଆଧାରକାର୍ଡ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ କମ୍ପୁଟର ସହିତ ସମସ୍ତ ସରଞ୍ଜାମ କୁ ଘୋଡାଇ ରଖାଯାଇଥିବାର ଦେଖିବାକୁ ମିଳୁଛି । ଡାକଘରର ମୁଖ୍ୟ ପୋଷ୍ଟମାଷ୍ଟରଙ୍କ ଅନୁସାରେ ପଞ୍ଜିକରଣ କେନ୍ଦ୍ର କେବେ ପୁନଃ କାର୍ଯ୍ୟକ୍ଷମ ହେବ ତାହାର କିଛି ସଠିକ ତଥ୍ୟ ତାଙ୍କ ପାଖରେ ନାହିଁ । ମୟୂରଭଞ୍ଜ ର ମୁଖ୍ୟାଳୟ ବାରିପଦାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ମୁଖ୍ୟ ଡାକଘରେ କେନ୍ଦ୍ର ସରକାରଙ୍କ ଅଧାର ପଞ୍ଜିକରଣ କେନ୍ଦ୍ର କାର୍ଯ୍ୟକ୍ଷମ ନହେବା ଅତ୍ୟନ୍ତ ଦୁଃଖର ବିଷୟ । ଜିଲ୍ଲା ମୁଖ୍ୟାଳୟର ମୁଖ୍ୟ ଡାକଘରେ ଅଧାର ପଞ୍ଜିକରଣ କେନ୍ଦ୍ରର ପରିସ୍ଥିତି ଏପରି ହୋଇଥିବା ବେଳେ ଜିଲ୍ଲାର କୋଣ ଅନୁକୋଣରେ ତଥା ଅନ୍ୟ ସମସ୍ତ ଡାକଘର ଗୁଡିକରେ କାର୍ଯ୍ୟକାରୀ ହେଉଥିବା ପଞ୍ଜିକରଣ କେନ୍ଦ୍ର ଗୁଡିକର ପରିସ୍ଥିତି ନକହିବା ଭଲ । ସେହିପରି ବାରିପଦା ସହରର ଅନ୍ୟତମ ପୁରାତନ ବୃହତ ଡାକଘର ହେଉଛି ଭଞ୍ଜପୁର ଉପଡାକଘର । ଏହି ଡାକଘର ବାରିପଦା ଡାକଘର ଅଧିନରେ କାର୍ଯ୍ୟକରୁଥିଲେ ମଧ୍ୟ ମୁଖ୍ୟ ଡାକଘର ଭଳି ଏଠାରେ ସମସ୍ତ ଡାକ ସେବା କାର୍ଯ୍ୟକାରୀ ହେବାକଥା । ଏହି ଡାକଘର ମଧ୍ୟ ଗତ ୭ / ୮ ବର୍ଷ ମଧ୍ୟରେ ବହୁ ସମସ୍ୟା ଭିତରକୁ ଠେଲି ହୋଇଯାଇଛି । ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ହେରଫେର ପୂର୍ବତନ ପୋଷ୍ଟ ମାଷ୍ଟର ଙ୍କ ଦ୍ୱାରା ହୋଇଥିବାର ନଜିର ରହିଛି । ବର୍ତମାନ ଏହି ଅଫିସର ଇନ୍‌ଟରନେଟ୍ ସେବା ସପୂର୍ଣ୍ଣ ଫେଲ୍ ମାରିଥିବାର କୁହାଯାଉଛି । ଟଙ୍କା ନେଣ ଦେଣ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଡାକସେବା ସଂପୂର୍ଣ୍ଣ ବନ୍ଦ ହେବାକୁ ବସିଛି । ସର୍ବସାଧାରଣ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏଠାକାର ବାସିନ୍ଦାଙ୍କୁ ଅନ୍ୟ ପୋଷ୍ଟ ଅଫିସ ଉପରେ ନିର୍ଭର କରିବା ପାଇଁ ପଡୁଛି ।ପ୍ରତେକ ଦିନ ଡାକଘରେ ଜମାକାରୀ ଅର୍ଥ ଜମାନକଲା ପର୍ଯ୍ୟନ୍ତ ନିଶ୍ଚିତ ଆବଶ୍ୟକ ଥିଲେ ମଧ ଉପଭୋକ୍ତା ରଖିଥିବା ଜମାରାଶି ତାଙ୍କୁ ଦିଆଯାଉନାହିଁ । ଏପରି କି, ଜମାକାରୀ ବିଭିନ୍ନ ଯୋଜାନରେ ନିବେଶ କରିଥିବା ଅର୍ଥ ଯୋଜନା ଅନୁସାରେ ମେଚ୍ୟୁରିଟୀ ପାଇସାରିଥିଲେ ମଧ ସେହି ଅର୍ଥ ପ୍ରାପ୍ତି ନିମନ୍ତେ ଖୁବ୍ କମ୍‌ରେ ୭ ରୁ ୮ ଦିନ ସମୟ ଲାଗୁଛି । ନିବେଶକ ମାନଙ୍କୁ ଏଥି ନେଇ ପ୍ରତ୍ୟେକ ଦିନ ବହୁବାର ପୋଷ୍ଟ ଅଫିସକୁ ଦୌଡିବାକୁ ପଡୁଛି । ଗୋଟିଏ ଗୋଟିଏ ନୂତନ ଏକାଉଣ୍ଟ ଖୋଲିବା କିମ୍ବା ଅନ୍ୟ କୌଣସି ଯୋଜନାରେ ଅର୍ଥ ବିନିଯୋଗ କରି ପାସବୁକ ପାଇଲା ବେଳକୁ ମାସମାସ ଧରି ଅପେକ୍ଷା କରିବାକୁ ପଡୁଛି । ନୂତନ ଏକାଉଣ୍ଟ ଖୋଲିବା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହୋଇନଥିଲେ ମଧ୍ୟ ଏକାଉଣ୍ଟ ଖୋଲିବାକୁ ଆସୁଥିବା ସମସ୍ତ ନିବେଶକାରୀଙ୍କ ଠାରୁ ଆଧାର କାର୍ଡ ର କପି ନିଆଯାଉଛି । ଭଞ୍ଜପୁର ଅଂଚଳର ସ୍ଥାୟୀ ବାସିନ୍ଦା, ବରିଷ୍ଠ ନାଗରିକ, ମହିଳାମାନେ ପୋଷ୍ଟ ଅଫିସ ସମ୍ବନ୍ଧିତ ଯେକୌଣସି ଛୋଟିଆ କାମ ଟିକେ କରିବା ପାଇଁ ବାରମ୍ବାର ଅଫିସକୁ ଦୌଡି ହତାଶ ହେବା ସହିତ ତାଙ୍କର ଅସନ୍ତୋଷ ଏବଂ ବିରକ୍ତି ଭାବ ପ୍ରକାଶ କରୁଥିବାବେଳେ ପୋଷ୍ଟ ଅଫିସର ସଂପୃକ୍ତ କର୍ମଚାରୀ ମାନେ ସେମାନଙ୍କୁ ବିଭ୍ରାନ୍ତିକର,କଟୁ ମନ୍ତବ୍ୟ ଦେଉଥିବାର ଶୁଣିବାକୁ ମିଳୁଛି । ସ୍ଥାନୀୟ ଅଂଚଳରେ ଏଥିନେଇ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ଏହି ଡାକଘରେ କାରବାର କରିବାକୁ କେହି ହେଲେ ପସନ୍ଦ କରୁନାହାନ୍ତି । ଏକ ପକ୍ଷରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଏବଂ ଅନ୍ୟ ପକ୍ଷରେ ଅଫିସ କର୍ତ୍ତୃପକ୍ଷଙ୍କ ଦ୍ୱାୟୀତ୍ୱ ହୀନତା ଯୋଗୁଁ ଡାକବିଭାଗର ବହୁ କ୍ଷତି ଘଟୁଛି । ଭଞ୍ଜପୁର ପୋଷ୍ଟ ଅଫିସରେ ଏଭଳି ଡାକସେବା ମାସମାସ ଧରି ବାଧାପ୍ରାପ୍ତ ହେବା ଭଞ୍ଜପୁର ଡାକଘର ପାଇଁ ପ୍ରଥମ ଘଟଣା । ମୟୂରଭଞ୍ଜ ଡିଭିଜନ ଡାକ ବିଭାଗରମୁଖ୍ୟ ତଥା କର୍ମଚାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବାର ଅଭିଯୋଗ ମଧ ହେଉଛି । ପରସ୍ପର ପରସ୍ପରକୁ ଦୋଷାରୋପ କରି ନିଜ ମୁଣ୍ଡରୁ ଦୋଷ ଦୂର କରି ଚାଲିଛନ୍ତି । ଏଠାରେ ମଧ ନୂତନ ଆଧାର କାର୍ଡ କିମ୍ବା କାର୍ଡର ସଂଶୋଧନ ସହିତ ପୋଷ୍ଟାଲ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ ହେବା କଥା ମାତ୍ର ନୂତନ ସେବା ତ ଦୂରର କଥା ପୁରାତନ ସେବା ଗୁଡିକୁ ଏହି ପୋଷ୍ଟ ଅଫିସ ଯୋଗାଇ ଦେବା ସମ୍ଭବ ହୋଇପାରୁନାହିଁ । ଭଞ୍ଜପୁର ପୋଷ୍ଟ ଅଫିସକୁ ବନ୍ଦ କରିଦେବାକୁ ଏହା ଏକ ଚକ୍ରାନ୍ତ ବୋଲି ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଶୁଣିବାକୁ ମିଳୁଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଅନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି ।



# କ୍ରୀଡ଼ା ବିବିଧ ଓ ମନୋରଞ୍ଜନ





## ପୂର୍ବତଟ ରେଳପଥ ପକ୍ଷରୁ ଅର୍ନ୍ତଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ

ଭୁବନେଶ୍ୱର, ୬।୬ (ନି.ପ୍ର.): ଆର୍ନ୍ତଜାତୀୟ ଲେଭେଲ୍ କ୍ରସିଂ ସେଚତନତା ଦିବସ ପାଳନ ଅବସରରେ ରାସ୍ତା ପଥଚାରୀମାନଙ୍କୁ ପ୍ରଶିକ୍ଷିତ କରିବାକୁ ପୂର୍ବ ତଟ ରେଳପଥ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ବୈଦ୍ୟୁତିକ ଓ ପ୍ରିଣ୍ଟ୍ ଗଣମାଧ୍ୟମ ଜରିଆରେ ପ୍ରଚାର ଓ ପ୍ରସାର, ଲେଭେଲ୍ କ୍ରସିଂଗୁଡ଼ିକ ନିକଟରେ ପୋଷ୍ଟର, ବ୍ୟାନର, ପ୍ରଚାର ପତ୍ର ବଣ୍ଟନ ଓ ପଥପ୍ରାନ୍ତ ନାଟକ ଇତ୍ୟାଦି ଅର୍ନ୍ତଭୁକ୍ତ। ଆଜି ଗୋପାଳପୁର ବାଲିକୁଦ ରେଳଫାଟକ ନିକଟରେ ଆୟୋଜିତ ଆର୍ନ୍ତଜାତୀୟ ଲେଭେଲ୍ କ୍ରସିଂ ସଚେତନ ଦିବସ ଅବସରରେ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମକୁ ପୂର୍ବ ତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତିଯେ ''ସମୟ ଅପେକ୍ଷା ଆପଣଙ୍କ ଜୀବନ ମୂଲ୍ୟବାନ''। ତେଣୁ ଯେତେବେଳେ ଆପଣ ରେଳଫାଟକ ପାର ହେଉଛନ୍ତି ନିଜ ଜୀବନକୁ ବିପଦରେ ପକାନ୍ତୁ ନାହିଁ କାରଣ ଟ୍ରେନର ଗତି ଅତ୍ୟନ୍ତ ଦ୍ରୁତ ଯାହାକି ଆପଣଙ୍କ ଭାବନା ଠାରୁ ଆହୁରି କ୍ଷିପ୍ର ଗତିରେ ରେଳଫାଟକ ଠାରେ ପହଞ୍ଚିପାରେ। ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ, ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ରୋଡ୍ ଓଭର ବ୍ରିଜ୍ ଓ ଭୂତଳ ଉପମାର୍ଗ ଭଳି ବ୍ୟବସ୍ଥା ଦ୍ୱାରା ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଥିବା ସମସ୍ତ ଜଗୁଆଳି ବିହୀନ ରେଳଫାଟକ ଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୧୮-୧୯ ରେ ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ସ୍ଥାନରେ ୮ ଗୋଟି ରୋଡ୍ ଓଭର୍ ବ୍ରିଜ୍, ୪୬ ଟି ଭୂତଳ ଉପମାର୍ଗ ଏବଂ ରେଳଧାରଣା ପାର ହେବା ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ଉପଲବ୍ଧ କରାଇ ୧୧୭ ଗୋଟି ଜଗୁଆଳି ବିହୀନ ରେଳଫାଟକ ବନ୍ଦ କରିଦେଇଛି। ଆନ୍ତର୍ଜାତୀୟ ଲେଭେଲ୍ କ୍ରସିଂ ସଚେତନତା ଦିବସ ପାଳନ ଉପଲକ୍ଷେ କଟକ ନିକଟସ୍ଥ ଗୋପାଳପୁର ବାଲିକୁଦ ଠାରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ସିଭିଲ୍ ଡିଫେନ୍ସ ସ୍ୱେଚ୍ଛା ସେବୀ ମାନଙ୍କ ଦ୍ୱାରା ନିରାପତ୍ତା ସମ୍ବନ୍ଧୀୟ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ରେଳଫାଟକ ବ୍ୟବହାର କରିବା ସମୟରେ ପଥଚାରୀ ମାନଙ୍କୁ ସତର୍କ କରାଇବା ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା, ପ୍ଲାକାର୍ଡ ଓ ବ୍ୟାନର୍ ପ୍ରଦର୍ଶିତ କରାଯାଇଥିଲା। ନିରାପତ୍ତା ବିଭାଗର କର୍ମଚାରୀ ଓ ଅଧିକାରୀମାନେ ରାସ୍ତା ବ୍ୟବହାରକାରୀଙ୍କୁ ବିଭିନ୍ନ ନିୟମ ଉପରେ ବୁଝାଇଥିଲେ।




## ଫନି କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ମହିଳା ସମିତିର ସହାୟତା

ଭୁବନେଶ୍ୱର, ୬।୬ (ନି.ପ୍ର.): ଏକ ମହତ୍ ପଦକ୍ଷେପ କ୍ରମେ, ଅଧ୍ୟକ୍ଷା ଶ୍ରୀମତୀ ପ୍ରୀତି ରାୟ ଚାନ୍ଦଙ୍କ ନେତୃତ୍ୱରେ ନାଲ୍‌କୋ ମହିଳା ସମିତି, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀରେ ସ୍ଥିତ ଧରାବତୀ କଲୋନୀ ଏବଂ ବାପୁଜୀ କଲୋନୀର ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ନାଲ୍‌କୋ ମହିଳା ସମିତି ପକ୍ଷରୁ ଉଭୟ କଲୋନୀର ୪୯ ଟି କୁଷ୍ଠ ରୋଗଗ୍ରସ୍ତ ପରିବାର ସମେତ ୧୦୬ଟି ପରିବାର ଏବଂ ନିକଟସ୍ଥ ମୁସ୍‌ଲିମ୍ କଲୋନୀର ୫୧ଟି ପରିବାରର ସଦସ୍ୟଙ୍କୁ ରିଲିଫ୍ ସାମଗ୍ରୀ ଏବଂ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା।



ଏହି ଅବସରରେ, ନାଲ୍‌କୋ ମହିଳା ସମିତିର ସଦସ୍ୟା ଶ୍ରୀମତୀ ସସ୍ମିତା ପାତ୍ର ଏବଂ ଶ୍ରୀମତୀ ସବିତା ପଟ୍ଟନାୟକ ତଥା ନାଲ୍‌କୋ ଫାଉଣ୍ଡେସନ୍‌ର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ରିଲିଫ୍ ସାମଗ୍ରୀ ମଧ୍ୟରେ ଚୂଡ଼ା, ଚିନି. ଡାଲି, ପାଣି ବୋତଲ, ବିସ୍କୁଟ୍, ମହମବତୀ, ଦିଆସିଲି ଆଦି ବଣ୍ଟନ କରାଯାଇଥିଲା। ଶ୍ରୀମତୀ ଚାନ୍ଦ ଏବଂ ମହିଳା ସମିତିର ସଦସ୍ୟାମାନେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପରିସ୍ଥିତି ଓ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ତିହିଡ଼ି ଯୁବମଞ୍ଚ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା



ତିହିଡ଼ି, ୬।୬ (ନି.ପ୍ର.) ବାରସର ପଞ୍ଚାୟତ ଅଧୀନ ନୂଆବନ୍ଧ ଗ୍ରାମରେ ଦୀପ ଦାସଙ୍କର ଘର ପୋଡ଼ିଯାଇଛି। ତିହିଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ସଂଗଠନର କର୍ମକର୍ତ୍ତାମାନେ ଉକ୍ତ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜ୍ଞାପନ କରିବା ସହ ଖାଦ୍ୟ ସାମଗ୍ରୀ ସହ ବସ୍ତ୍ର ପ୍ରଦାନ କରିଥିଲେ। ସଭାପତି କୈଳାଶ ବେହେରା, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ଅନିଲ ନାୟକ, ସାଂସ୍କୃତିକ ସଂଯୋଜକ ନୀଳମାଧବ ସେନାପତି, ସଦସ୍ୟ ଜିତେନ୍ଦ୍ର ନାୟକ, ସୁବ୍ରତ ଦାସ, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏସ୍‌ବିଆଇ ପରିଚାଳନା ନିର୍ଦ୍ଦେଶକଙ୍କ ବାତ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା




ଭୁବନେଶ୍ୱର, ୬।୬ (ନି.ପ୍ର): ଆଜି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର ପରିସରରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସେଠାରେ ଶ୍ରୀଯୁକ୍ତ ପି.କେ.ଗୁପ୍ତା, ମ୍ୟାନେଜିଂ ଡାଇରେକ୍ଟର, ଏସବିଆଇ ପ୍ରେସକୁ ସମ୍ବୋଧନ କରିଥିଲେ ଯେଉଁଥିରେ ସେ କହିଥିଲେ କି ବ୍ୟାଙ୍କର ବିଭିନ୍ନ ଉତ୍ପାଦ ବ୍ୟାଙ୍କର ଗ୍ରାହକଙ୍କ ପାଇଁ ବେଶ ଉପଯୋଗୀ ହୋଇପାରିଛି। ସେ ମଧ୍ୟ ନୂଆ ଯୋଜନା ଗ୍ରାହକଙ୍କ ପାଇଁ ସବିସ୍ତାର ଆଲୋଚନା କରିଥିଲେ। ସେ ତାଙ୍କ ପୁରୀ ପରିଦର୍ଶନରେ ତା. ୦୫-୦୬-୨୦୧୯ ରିଖ ଦିନ ଯାଇଥିଲେ, ଯେଉଁ ସହର ଫଣି ଦ୍ୱାରା ଅତି ବିଶିଷ୍ଟ ଭାବେ କ୍ଷତି ହୋଇଥିଲା, ତାହାକୁ ନେଇ ସେ କହିଥିଲେ ଯେ, ବର୍ତ୍ତମାନ ସମୟ ଆସି ଉପନୀତ ହୋଇଛି ଓଡ଼ିଶାକୁ ପୁନଃ ନିର୍ମାଣ କରିବା ପାଇଁ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏକ ଅଂଶୀଦାର ଭାବେ ରହି ପ୍ରକ୍ରିୟାରେ ଦଣ୍ଡାୟମାନ ହେବ।

ଏହି ପ୍ରକ୍ରିୟାରେ ଏସବିଆଇ ଯଥା ସମୟରେ ୧୧୦୦୦ରୁ ଅଧିକ ଋଣ ଏହାର ଫଣି ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ଗ୍ରାହକମାନଙ୍କୁ ଯୋଗାଇ ସାରିଛି, ଯାହା ସେମାନଙ୍କ ଥଇଥାନ ଏବଂ ଜୀବିକାରମ୍ଭ ପାଇଁ ସାହାଯ୍ୟ ହୋଇପାରିବ। ଏସବିଆଇ ମଧ୍ୟ ୧୩୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଋଣ, ୮୦୦୦ରୁ ଅଧିକ କୃଷି ଋଣ ସହ ପି.ଏମ୍.ଇ.ଜି.ପି ଏବଂ ମୁଦ୍ରା ଋଣ ଯୋଗାଇ ସାରିଛି। ଏସବିଆଇ ମଧ୍ୟ ୨୦୦ରୁ ଅଧିକ ବାଣିଜ୍ୟ ଋଣ ଏବଂ ଘର ତିଆରି ଋଣକୁ ଏହା ମଧ୍ୟରେ ନୂତନ ଢ଼ାଂଚାରେ ପରିବର୍ତ୍ତନ କରିପାରିଛି।

ଅନ୍ୟମାନଙ୍କ ମଧ୍ୟରେ ପ୍ରବୀଣା କାଲା, ମୁଖ୍ୟ ମହା ପ୍ରବନ୍ଧକ, ଏସବିଆଇ ଭୁବନେଶ୍ୱର ମଣ୍ଡଳ ମଧ୍ୟ ଯୋଗଦାନ କରିଥିଲେ। ଏହି ସଭାରେ ଶ୍ରୀ ଏସ୍ ଟି ଲାମା, ମଣ୍ଡଳ ବିକାଶ ଅଧିକାରୀ, ଏସବିଆଇ ଭୁବନେଶ୍ୱର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ରାଜ୍ୟପାଳ ଓ ରାଜଭବନର କର୍ମଚାରୀ ଦେଲେ ଦିନକର ଦରମା



ଭୁବନେଶ୍ୱର, ୬।୬ (ନି.ପ୍ର): ଫନି ପ୍ରଭାବିତ ଲୋକମାନଙ୍କର ସହାୟତା ନିମନ୍ତେ ରାଜ୍ୟପାଳ ଓ ରାଜଭବନର ୧୨୨ ଜଣ କର୍ମଚାରୀ ଏକ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଆଜି ଏ ବାବଦକୁ ଏକ ଲକ୍ଷ ୮୬ ହଜାର ୨୦୭ ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି।

## ବାତ୍ୟା ପ୍ରପୀଡ଼ିତଙ୍କୁ ଏସ୍‌ସିଏନଏଲ ପକ୍ଷରୁ ସାହାଯ୍ୟ

ଭୁବନେଶ୍ୱର, ୬।୬ (ନି.ପ୍ର.): ସତିନ କ୍ରେଡିଟ୍ ନେଟୱାର୍କ ଲିମିଟେଡ (ଏସ୍‌ସିଏନଏଲ) ପକ୍ଷରୁ 'ଫନି' ବାତ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏନେଇ ଏସ୍‌ସିଏନଏଲ ପକ୍ଷରୁ ଗଞ୍ଜାବ, ପୁରୀ ଏବଂ କଟକ ଜିଲାରେ ରିଲିଫ ଶିବିରମାନ ଖୋଲାଯାଇଛି। ଭୁବନେଶ୍ୱର ଏବଂ ବ୍ରହ୍ମପୁରରୁ ଏହି ରିଲିଫ କେନ୍ଦ୍ର ଗୁଡ଼ିକୁ ପରିଚାଳନା କରାଯାଉଛି। ଏସ୍‌ସିଏନଏଲ ରିଲିଫ ସମାଗ୍ରୀ ମଧ୍ୟରେ ବାତ୍ୟା ପ୍ରପୀଡ଼ିତଙ୍କୁ ଖାଦ୍ୟପଦାର୍ଥ, କ୍ଷୀର ଗୁଣ୍ଡ, ଔଷଧ ପ୍ରଦାନ କରୁଛି। ବାତ୍ୟା ପରେ ଏସ୍‌ସିଏନଏଲ ଚିଲିକା ହ୍ରଦ ଉପକୂଳ ରମ୍ଭାର ୨୦୦୦ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେଇଥିଲା। ପୁରୀ ଅଞ୍ଚଳର ୧୩୦୦ ପରିବାରକୁ ମଧ ସହାୟତା ପ୍ରଦାନ କରାଯାଇଛି। ଏସ୍‌ସିଏନଏଲ ସିଓଓ ଦେବ ବର୍ମା କହିଛନ୍ତି ଯେ ଫନି ବାତ୍ୟାରେ ଓଡ଼ିଶାର ବହୁ କ୍ଷୟକ୍ଷତି ଘଟିଛି। ପୁରୀରେ ବୀରହରେକୃଷ୍ଣପୁର, ମଙ୍ଗରାଜ, ତିନିକୁଡି, ଅଳିକିଆ, କୁଷପଡ଼ା, କପିଳେଶ୍ୱର, ପଥରପଡ଼ା, ପଲଙ୍କା, ବିନ୍ଧେଇବସ୍ତା, ନାରଡ଼ା, ବଡ଼ମାଛପୁର, ନୁଆହାରକିର, ଅଂସାଳୋ ଆଦି ୩୦୦ ଗ୍ରାମରେ ରିଲିଫ ସାମଗ୍ରୀ ବଣ୍ଟାଯାଇଛି।

## ଓର୍‌ମାସ୍ ଆମ୍ବ ମେଳା ଉଦ୍‌ଯାପିତ



ଭୁବନେଶ୍ୱର, ୬/୬: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓର୍‌ମାସ୍ ତରଫରୁ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଆମ୍ବ ମେଳା ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଓର୍‌ମାସ୍‌ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି ମେଳାରେ ଯୋଗଦେଇଥିବା ଆମ୍ବ ଉତ୍ପାଦକ ଗୋଷ୍ଠୀ ତଥା ଆମ୍ବ ଚାଷୀମାନଙ୍କ ସହ ଆଲୋଚନା କରିବା ସହ ମେଳାର ସଫଳତା ପାଇଁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ମାନପତ୍ର ଓ ସ୍ମାରକୀ ପ୍ରଦାନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ଶ୍ରୀ ମହେଶ୍ୱର ପାଣିଗ୍ରାହୀ ଚାଷୀଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସପୁରୀ, ପିଜୁଳି ଆଦି ଫଳକୁ ନେଇ ଏଭଳି ମେଳା ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ସଭାରେ ଚାଷୀମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୁନ୍ ୧ ତାରିଖ ଦିନ ଏହି ଆମ୍ବ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଆମ୍ବ ଷ୍ଟଲ୍ ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ଫଳ ଚାଷୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ଉପଯୁକ୍ତ ବଜାର ସୁବିଧା ଯୋଗାଇଦେବା ପାଇଁ ଓର୍‌ମାସ୍ ତରଫରୁ ସବୁ ଜିଲ୍ଲା ମୁଖ୍ୟାଳୟରେ ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।

## ତିହିଡ଼ିରେ ସ୍ୱଚ୍ଛ ପରିମଳ ଯୋଜନା

ତିହିଡ଼ି, ୬।୬ (ନି.ପ୍ର.) ତିହିଡ଼ି ବଜାର ଭଦ୍ରକ-ଚାନ୍ଦବାଲି ରାଜ୍ୟରାଜପଥ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ପାଇଁ ଅଗଭୀର ନାଳ ତିଆରି ହୋଇଛି। ତେବେ ଏହା ଏପରି ଭାବରେ ତିଆରି ହୋଇଛି ଯେ, ଜଳ ନିଷ୍କାସନ ହୋଇପାରୁନାହିଁ। ଅପରପକ୍ଷରେ ଏହି ନାଳରେ ଜଳ ଜମି ରହିବା ସହ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ତିହିଡ଼ି ବଜାରରେ ଉଠାଦୋକାନୀ ଗୁଡ଼ିକ ଏହି ନାଳରେ ବିଭିନ୍ନ ବର୍ଜ୍ୟବସ୍ତୁ ପକାଉଛନ୍ତି। ପାଣିରେ ବର୍ଜ୍ୟବସ୍ତୁ ପଡ଼ରହିବା ଫଳରେ ଏହା ପଚି ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏଥିପ୍ରତି କାହାରି ଦୃଷ୍ଟି ମଧ୍ୟ ନାହିଁ। କିଛି ବର୍ଷ ତଳେ ଧାମରା ବନ୍ଦର ତରଫରୁ ୩୦ ଗୋଟି ଡଷ୍ଟବିନ ବଜାରର ବିଭିନ୍ନ ସ୍ଥାନରେ ରଖାଯାଇଥିଲା। ତାହା ସଂପ୍ରତି କିଛି ବ୍ୟବସାୟୀଙ୍କର ନିଜସ୍ୱ ସମ୍ପତ୍ତି ପାଲଟିଛି। ପାଣି ଗଡ଼ିବା ପାଇଁ ତିଆରି ନାଳ ସଂପ୍ରତି ନର୍ଦ୍ଦମାରେ ପରିଣତ ହୋଇଛି। ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ତରଫରୁ ଏହି ନାଳକୁ ସଫା କରାଯାଉଛି। ଯୁବକମାନେ ସେବା ମୂଳକ ମନୋଭାବ ନେଇ ଏହି ଆବର୍ଜନାକୁ ସଫା କରୁଥିବା ବେଳେ ଏହାର ସୁବିଧା ନେଉଛନ୍ତି ଅପରିଷ୍କାର କରୁଥିବା ବ୍ୟବସାୟୀମାନେ। ସଚେତନ ହେବା ପରିବର୍ତ୍ତେ ଅଧିକ ଅପରିଷ୍କାର କରିବାରେ ଲାଗିଛନ୍ତି। ଜୀବନଜ୍ୟୋତି ସଂଗଠନର ସମ୍ପାଦକ ଧୀରେନ୍ଦ୍ର ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟମାନେ ଆଜି ଅକ୍ଳାନ୍ତ ପରିଶ୍ରମ କରି ବଜାରର ଏହି ନାଳକୁ ସଫା କରିବା ସହ ହାତରୁ ପଇସା ଖର୍ଚ୍ଚ କରି ଟ୍ରାକ୍ଟରରେ ଆବର୍ଜନା ସବୁକୁ ସ୍ଥାନାନ୍ତର କରିଛନ୍ତି। ସଂଗଠନର ସଭାପତି ସନାତନ ସାହୁ ମଧ୍ୟ ଏହିକାର୍ଯ୍ୟ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅପରପକ୍ଷରେ ତିହିଡ଼ି ବଜାରକୁ ସ୍ୱଚ୍ଛ ରଖିବା ପାଇଁ ମଝିରେ ମଝିରେ ଅନୁଷ୍ଠାନ ଗୁଡ଼ିକ ଅଳିଆ ଆବର୍ଜନା ସଫା କରିବା ବାସ୍ତବ ସମାଧାନ ନୁହେଁ। ସଫା କରିବା ଅପେକ୍ଷା ସଚେତନତା ଉପରେ ସଂଗଠନ ଗୁଡ଼ିକ ଗୁରୁତ୍ୱାରୋପ କଲେ ଅଧିକ ସୁଫଳ ମିଳିପାରନ୍ତା ବୋଲି ମତ ପ୍ରକାଶ ପାଇଛି।



## ପ୍ରଭୁ ସୋମନାଥ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଆଜି

ଭୁବନେଶ୍ୱର, ୬।୬ (ନି.ପ୍ର): ସ୍ଥାନୀୟ ଆରାଧ୍ୟ ଦେବତା ବାବା ସୋମନାଥଙ୍କ ଆସନ୍ତାକାଲି ବିବାହ ଉତ୍ସବ ସମ୍ପନ୍ନ ହେବ। ମହାପ୍ରଭୁ ସୋମନାଥ ମା' ପାର୍ବତୀଙ୍କୁ ବିବାହ କରିବେ। ଏହି ଉପଲକ୍ଷେ ଉତ୍ସବ ମୁଖର ହୋଇ ଉଠିଛି ସହର। ଆସନ୍ତାକାଲି ରାତି ୭ଟାରେ ବୈଦିକ ରୀତିନୀତି ଅନୁଯାୟୀ ଦେବଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହେବ। ଏହି ମାଙ୍ଗଳିକ କାର୍ଯ୍ୟ ରାତ୍ର ୯ଟାରେ ସମାପନ ହେବ। ଏହି ବିବାହ ଉତ୍ସବରେ ଖଇରାପଡା ଗ୍ରାମର ଆରାଧ୍ୟ ଦେବତା ବାବା ଲୋକନାଥ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବାବା ଲୋକନାଥଙ୍କର ମଧ ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ଏହି ଉପଲକ୍ଷେ ଦେବଦମ୍ପତ୍ତିଙ୍କ ହାତଗଣ୍ଠି ପଡିବା ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ହରିହାଟ, ବାଦ୍ୟ, ଆତସବାଜି ପ୍ରତିଯୋଗିତା ବେଶ ଉପଭୋଗ୍ୟ ହେବ ବୋଲି ସୋମନାଥ ସେନା ଜଣାଇଛନ୍ତି।

## ଆମେରିକାରେ ଉଚ୍ଚଶିକ୍ଷା ପାଇଁ କିସ୍ ଛାତ୍ରୀ ମନୋନୀତ



ଭୁବନେଶ୍ୱର, ୬।୬ (ନି.ପ୍ର.): କିସ୍‌ର ମେଧାବୀ ଛାତ୍ରୀ ସଂଯୁକ୍ତା ସିଂହ। ଚଳିତବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ସେ ୮୦ ପ୍ରତିଶତ ନମ୍ବର ରଖି ପାସ୍ କରିଛନ୍ତି। ନିକଟରେ ହାଇଦ୍ରାବାଦସ୍ଥିତ ଆମେରିକାନ୍ କନସୁଲ୍ ଦ୍ୱାରା ମନୋନୀତ ହୋଇ ଆମେରିକାର ଟେକ୍ସାସ୍ ସହରସ୍ଥିତ ଫ୍ଲୁଜର୍‌ଭିଲେର ୱେଇସ୍ ହାଇସ୍କୁଲ୍‌ରେ ଉଚ୍ଚଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଛନ୍ତି ସଂଯୁକ୍ତା। ଗୋଟିଏ ବର୍ଷ ପାଇଁ ସେ ସେଠାରେ ସଂପୂର୍ଣ୍ଣ ମେଧାବୃତି ପାଇ ଉଚ୍ଚଶିକ୍ଷା ଲାଭ କରିବେ। ଏଥିପାଇଁ ଆମେରିକା ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ନୂଆପାଢ଼ି ଗ୍ରାମର ସ୍ୱର୍ଗତ ମୁନା ସିଂହଙ୍କ କନ୍ୟା ହେଉଛନ୍ତି ସଂଯୁକ୍ତା। ଦାରିଦ୍ର୍ୟ ଯୋଗୁଁ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିବା ସଂଯୁକ୍ତାଙ୍କ ମାଆ ସୁକାନ୍ତି, ସଂଯୁକ୍ତାଙ୍କୁ ପାଠ ପଢ଼ାଇବା ଅସମ୍ଭବ ହୋଇପଡ଼ିଥିଲା। କିସ୍ ସଂପର୍କରେ ଜାଣି ସୁକାନ୍ତି ୨୦୧୧ ମସିହାରେ କିସ୍‌ରେ ୩ୟ ଶ୍ରେଣୀରେ ସଂଯୁକ୍ତାଙ୍କ ନାମ ଲେଖାଇଥିଲେ। ଶ୍ରେଣୀରେ ତାଙ୍କ ପାଠପଢ଼ା ପ୍ରତି ଆଗ୍ରହ ଦେଖି କିସ୍ କର୍ତ୍ତୃପକ୍ଷ ସେହିଦିନଠାରୁ ତାଙ୍କର ଯତ୍ନ ନେଇ ଆସୁଥିଲେ। ଏଏଫ୍‌ଏସ୍ ଇଂଟରକଲ୍‌ଚରାଲ୍ ପ୍ରୋଗ୍ରାମ୍ ଆନୁକୂଲ୍ୟରେ ଚାଲୁଥିବା କେନେଡି ଲୁଗାର୍ ୟୁଥ୍ ଏକ୍‌ଚେଞ୍ଜ ଆଣ୍ଡ ଷ୍ଟଡି ପ୍ରୋଗ୍ରାମ୍‌ରେ ସଂଯୁକ୍ତା ଶେଷରେ ନିଜକୁ ପ୍ରତିପାଦିତ କଲେ। ଏଥିପାଇଁ ଅନେକଗୁଡ଼ିଏ ଲିଖିତ ଓ ମୌଖିକ ପରୀକ୍ଷା ଭଳି କ୍ୱାଲିଫାଇଂ ରାଉଣ୍ଡର ସମ୍ମୁଖୀନ ହୋଇ ସଫଳ ହେଲେ। କିସ୍ କର୍ତ୍ତୃପକ୍ଷ ପ୍ରଗାଢ଼ ଚେଷ୍ଟା କରି ଏଭଳି ପିଲାମାନଙ୍କୁ ଆମେରିକା ପଠାଇ ପାରୁଛନ୍ତି। ଏହା ଜନଜାତି ପିଲାଙ୍କ ପାଇଁ ଗୌରବ। ସଂଯୁକ୍ତାଙ୍କ ସଫଳତାରେ ଆତ୍ମ ସନ୍ତୋଷ ପ୍ରକାଶ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗରିବ ଓ ପିତୃମାତୃହୀନ ଜନଜାତି ଛାତ୍ରଛାତ୍ରୀମାନେ ଯେ ପୃଥିବୀ ପରିକ୍ରମା କରିପାରିବେ, ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସଂଯୁକ୍ତା। ସଂଯୁକ୍ତା ଆଜି କିସ୍ ସହ ସମଗ୍ର ଜନଜାତିବର୍ଗ ପାଇଁ ଗୌରବ ହୋଇପାରିଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା -୪୮୬୦ **ବିଜ୍ଞାପନ** ତା.୨୭.୦୫.୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଗୃହ ନଂ ଏଲ୍-୧୨୪୯ (L-1249) ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ନିଳିମା ପଟ୍ଟନାୟକ, ସ୍ୱାମୀ-ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ସା-ପ୍ଲଟ ନଂ୮୧, ସୁକବିହାର, ପୋ-ବାଣୀବିହାର, ଥାନା-ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ନିଳିମା ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଜନୀ ଦେବୀ, ସ୍ୱାମୀ-ମନୋହର ସ, ସା-ଧୂମାଡିହ, ପୋ-ମସ୍‌ମୋହନ, ଥାନା-ନୋବାଲ ସାହି, ଜିଲ୍ଲା-କୋଡର୍ମା (ବିହାର)ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**
● **Editor : Sarat Raut** Managing Editor - Bibhuti Bhusan Patra ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**